ସକାଳ THE SAKALA



www.sakalaepaper.com

# ସମାକୋଇ ନଦୀ ପଠାରେ ବାଲି ମାଫିଆଙ୍କ ରାଜ୍





## ଲିଜ ସୂତ୍ରରେ ହେଉନି ବାଲିଘାଟ ନିଲାମ

ତେଲକୋଇ, ୨୧।୩(ସମିସ): ତେଲକୋଇ ବ୍ଲକର ବୁକୁ ଉପର ଦେଇ ବୋହି ଯାଇଥିବା ଚିରସ୍ରୋତା ସମାକୋଇ ନଦୀ ଏବେ ନିଜର ଠିକଣା ହରାଇବାକୁ ବସିଛି। ବାଲି ମାଫିଆଙ୍କ ଦୌରାତ୍ମ୍ୟ ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ବ୍ଲକର ତାଳପଦା ପଞ୍ଚାୟତଠାରୁ ଆରମ୍ଭ କରି ଶିବନାରାୟଣପୁର ଗୋଡା, ତେଲକୋଇ, ଦେଉଳଡିହା ଓ କରଦାଙ୍ଗି ପଞ୍ଚାୟତ ମଧ୍ୟ ଦେଇ ସମକୋଇ ନଦୀ ବୋହି ଯାଇଛି। ଏହି ଅଞ୍ଚଳରେ ଥିବା ପଙ୍ଗା, ତାଳପଦା, ସିମିଳିପାଳ, କୁମୁଣ୍ଡ, ବେତଖୋଲି, ବାଙ୍ଗୁରୁପାଳ, ଗୋଡା, ଭାଲିଆଡାଳ, କମଳାଙ୍ଗ, ରାମଚନ୍ଦ୍ରପୁର, ତେଲକୋଇ, ଦୋବଲାପାଳ, ଜେନାଦର, କରଦାଙ୍ଗି, ଚକଦରହ, ସରେଇ ଆଦି ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି।

ତେଲକୋଇ ବ୍ଲକରେ ସରକାରଙ୍କ ପକ୍ଷରୁ କୌଣସି ବାଲି ସୈରାତ ନଥିବାରୁ ବାଲି ଚୋରୀ ବ୍ୟାପକ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ରାଜସ୍ୱ ବିଭାଗ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟଠାରୁ ଆରମ୍ଭ କରି ସାଧାରଣ ଲୋକ ଘର କିମ୍ବା କୌଣସି ନିର୍ମାଣ କାର୍ଯ୍ୟ ପାଇଁ ବାଲି ଅତ୍ୟନ୍ତ ଆବଶ୍ୟକ ସାମଗ୍ରୀ ହୋଇଥିବା ବେଳେ ସମାକୋଇ ନଦୀରେ ସରକାରଙ୍କ ପକ୍ଷରୁ କୌଣସି ବାଲି ଉତ୍ସ ଲିଜ ସୂତ୍ରରେ ଦିଆ ଯାଇ ନଥିବାରୁ ଲୋକେ ବାଲି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମାତ୍ର ଏହାର ଭରପୁର ଫାଇଦା ନେଉଛନ୍ତି କେତେକ ଅସାଧୁ ବାଲି ମାଫିଆ ଗୋଷ୍ଠୀ। ଯାହାର ବାଲି ଦରକାର ହେଉଛି ସଂପୃକ୍ତ ବାଲି ମାଫିଆ ଗୋଷ୍ଠୀକୁ ଯୋଗାଯୋଗ କରିବାକୁ ପଡୁଛି। ଫଳରେ ବାଲି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବାଲି ଟ୍ରିପ ପିଛା ୩ ହଜାରରୁ ଅଧିକ ଟଙ୍କାରେ ଲୋକଙ୍କୁ ବିକ୍ରି କରାଯାଉଛି। ତେଲକୋଇ ଅଞ୍ଚଳରେ କାର୍ଯ୍ୟ କରୁଥିବା ଠିକାସଂସ୍ଥାମାନେ ମଧ୍ୟ ବାଲି ଚୋରା କାରବାର ସଂଶ୍ଳିଷ୍ଟ ରହୁଥିବା ଅଭିଯୋଗ ରହିଛି। ବାଲି ମାଫିଆଙ୍କୁ ଧରି ନଦୀ ପଠାକୁ ତାଡି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ କରୁଛନ୍ତି। ଏଥିରେ ଠିକା ସଂସ୍ଥା ମାନ ରାଜସ୍ୱ ଫାଙ୍କିବା ସହିତ ବାଲି ମାଫିଆମାନେ ମୋଟା ଅଙ୍କର ଅର୍ଥ କମାଉଛନ୍ତି। ସ୍ଥାନୀୟ ପ୍ରଶାସନ ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟାରେ ଏହି ବେଆଇନ ବାଲି ଚୋରା କାରବାର ଚାଲୁଥିବା ଅଭିଯୋଗ ହୋଇଛି। ତେଲକୋଇ ତହସିଲ ଅଧୀନରେ ୭ଟି ରାଜସ୍ୱ ସର୍କଲ ଥିବା ବେଳେ ରାଜସ୍ୱ ନିରୀକ୍ଷକମାନେ ରାଜସ୍ୱ ଲୁଟ ରୋକିବାରେ ସକ୍ଷମ ହେଉନାହାନ୍ତି। ଫଳରେ ରଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ତହସିଲ କର୍ତ୍ତୃପକ୍ଷ ମଧ୍ୟ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରାଜସ୍ୱ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଟାସ୍କ ଫୋର୍ସ ଗଠନ ହୋଇଥିଲେ ମଧ୍ୟ ସଂପୃକ୍ତ ଟାସ୍କ ଫୋର୍ସ ସଠିକ୍ କାର୍ଯ୍ୟ କରୁ ନଥିବା ଅଭିଯୋଗ ହୋଇଛି। ବାଲି ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲା ପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

କେନ୍ଦୁଝର, ୨୧।୩(ସମିସ): ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଏଫ୍ଓ ଧନରାଜ ଏଚ୍ଡି, ଅତରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଖଣି ଉପନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, କେନ୍ଦୁଝର ଓ ଆନନ୍ଦପୁର ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂ, ଚମ୍ପୁଆ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ସୁପ୍ରଭା ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝରର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଜଳସମ୍ପଦ ବିଭାଗର ୪ଟି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବାକୁ ନିୟମିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ବାଲି ଓ ପଥର ଚୋରା ଚାଲାଣ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ବିଭିନ୍ନ ସୈରାତକୁ ବାଲି ଚୋରି ହେଉଥିବାରୁ ନିୟମିତ ଏନଫୋର୍ସମେଣ୍ଟ ସ୍କ୍ୱାଡ ଦ୍ୱାରା ଯାଞ୍ଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ସହାୟତାରେ ଲଘୁ ଖଣିଜ ବିଭାଗ ଜାତୀୟ ରାଜପଥ ଏବଂ ବିଭିନ୍ନ ରାସ୍ତାରେ ଯାଞ୍ଚ କରି ଚୋରା ଚାଲାଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

**ଚୋରା ଚାଲାଣ ବିରୋଧରେ ନିୟମିତ ଯାଞ୍ଚ ପ୍ରକ୍ରିୟା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**



କେନ୍ଦୁଝର ଜିଲ୍ଲାରେ ୧୬ ବାଲି ଏବଂ ୧୯ଟି ପଥର ଖାଦାନକୁ ଲିଜ୍ ଦିଆଯାଇଛି। କେତେକ ବାଲି ଓ ପଥର ଖାଦାନ ଅନୁମତିଠାରୁ ଅଧିକ ଉତ୍ତୋଳନ କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଲିଜ୍ ବାହାରେ କେତେକ ବାଲି ଖାଦାନ ଚାଲିଛି। ବିଶେଷ କରି ରାତି ସମୟରେ ବାଲି ଖାଦାନରେ ବାଲି ଚୋରୀ ଚାଲିଛି। ଟିପି ନ ଥାଇ ବହୁ ବାଲି ଗାଡି ଚାଲାଣ ହେଉଛି। କେତେକ ବାଲି ଗାଡି ଓଭରଲୋଡ ହୋଇ ପରିବହନ ହେଉଛି। ଏସବୁ ଗାଡି ଯାଞ୍ଚ କରି ଜରିମାନା ଆଦାୟ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ନୂତନ ସୈରାତ ଚିହ୍ନଟ ହୋଇଛି ତାକୁ ତୁରନ୍ତ ଚଳେଇବାକୁ ବିଭିନ୍ନ ବିଭାଗର ଆବଶ୍ୟକ ଅନୁମତି ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରୟାଲଟି ବାକି ଥିବା ଲିଜଧାରୀଙ୍କଠାରୁ ତୁରନ୍ତ ଆଦାୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ବାଲି ଓ ପଥର ପାଇଁ କ୍ୱାରୀ ପରମିଟ ଦେବାକୁ ଆଲୋଚନା ହୋଇଥିଲା। ନୂତନ ଭାବେ ଚିହ୍ନଟ ହୋଇଥିବା ସୈରାତ ଗୁଡିକର ଶୀଘ୍ର ଇ-ଲଟେରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚୂର୍ମାର; ଚାଳକ ମୃତ



ବାଲିବନ୍ଧ,୨୧।୩(ସମିସ): ଝୁମ୍ପୁରା ଥାନା ବାଲିବନ୍ଧ ପଞ୍ଚାୟତ ରଜାବସା କାଶିଆ ପୋଲ ନିକଟ ୨୦ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ଚଳାଉଥିବା ବାଇକ୍ଟି ଚୂରମାର ହୋଇଯାଇଥିବା ବେଳେ ମୃତକ ନହବେଡା ଗ୍ରାମର ଲକ୍ଷ୍ମୀଧର ଲହାରଙ୍କ ପୁଅ ତାପସ ବୋଲି ଜଣାପଡ଼ିଛି। ବିଲେଇପଦା ନିକଟ ଶାରଦା ମାଇନ୍ସରେରେ ସେ କାମ କରନ୍ତି। ଶନିବାର ବାଇକ ଯୋଗେ ନିଜ ଘରୁ ଡିୟୁଟି କରିବା ପାଇଁ ବିଲେଇପଦା ଯାଉଥିବା ସମୟରେ ଅଜଣା ଗାଡି ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯାଇଥିଲା। ଏ ସମ୍ପର୍କରେ ଝୁମ୍ପୁରା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରିବା ପରେ ଶବକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଇଛି।

# 'ମେଘଦୂତ' ପକ୍ଷରୁ ବିଶ୍ୱ ବନ ଦିବସ ଆଲୋଚନାଚକ୍ର

ଆନନ୍ଦପୁର, ୨୧।୩ (ସମିସ): ଫକୀରପୁରସ୍ଥିତ ''ମେଘଦୂତ' ସଂଗଠନ ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରକୃତି ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ବୃକ୍ଷ ରୋପଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ''ମେଘଦୂତ'ର ସମ୍ପାଦକ ପୁଷ୍ପଲତା ସାହୁ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବୃକ୍ଷଗୁଡ଼ିକର କିଭଳି ଯତ୍ନ ନିଆଯାଇପାରିବ ସେଥିପ୍ରତି ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଆଗକୁ ଖରାର ପ୍ରକୋପ ଧୀରେ ଧୀରେ ବଢ଼ିବ, ତେଣୁ ଏହାକୁ ଆଖି ଆଗରେ ରଖି ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିରେ ସମାଜସେବୀ ରାଜକିଶୋର ବାରିକ, ମନୋଜ ସାହୁ, ରଞ୍ଜିତ ନାୟକ, ତାପସ ସାହୁ ଏବଂ ଅଜୟ ସାହୁ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ସଚେତନତା ଶିବିରମାନ ଆୟୋଜିତ ହେବ ବୋଲି ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ମାରୁତି କ୍ଲବ୍ ଚାମ୍ପିଅନ

ଯୋଡ଼ା, ୨୧।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଉଞ୍ଚାବାଲି ଲୌହ ଖଣି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ବଳଦା ଓ ପଳସା ପଞ୍ଚାୟତ ଅଧୀନସ୍ଥ ଆଖପାଖ ଗାଁର ୮ ଗୋଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ମାରୁତି କ୍ଲବ, ବାମେବାରୀ ମା' ତାରିଣୀ କ୍ଲବ, ଉଞ୍ଚାବାଲିକୁ ୧-୦ ଗୋଲରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ସମାରୋହର ମୁଖ୍ୟଅତିଥି ଭାବେ ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ସମ୍ମାନିତ ଅତିଥି ବଡବିଲ ଓଡିଶା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, ଉଞ୍ଚାବାଲି ଖଣି ପ୍ରବନ୍ଧକ ବିକାଶଚନ୍ଦ୍ର ପରିଡା, ବଳଦା ସରପଞ୍ଚ ବରୁଣ କୁମାର ନାୟକ, ପଳସା ସରପଞ୍ଚ ଅରୁଣ କୁମାର ମୁଣ୍ଡା ଯୋଗ ଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟର ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଓଡିଶା ଖଣି ନିଗମ, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସିଏସଆର ଅଧୀନରେ କ୍ରୀଡାର ବିକାଶ ପାଇଁ ଓ ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ମୋଟ ୫ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଯେଉଁଥିରେ ମୋଟ ୫୪ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କୃଷ୍ଣଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଖେଳ ପରିଚାଳିତ ହେଉଥିବା ବେଳେ କ୍ଷୀରୋଦ କୁମାର ଗିରି ଭାଷ୍ୟକାର ଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆଖପାଖ ଗ୍ରାମର ଶତାଧିକ ଦର୍ଶକ ଉପଭୋଗ କରିଥିଲେ। ଉଞ୍ଚବାଲି ଲୌହ ଖଣିର କାର୍ମିକ ପ୍ରବନ୍ଧକ କିଶୋର କାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।




# ମାର୍ଚ୍ଚ ୨୩ରେ କେନ୍ଦୁଝରରେ ମହିଳାଙ୍କ ଜନଶୁଣାଣି

କେନ୍ଦୁଝର ୨୧।୩(ସମିସ): ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ 'ଜନଶୁଣାଣି' କାର୍ଯ୍ୟକ୍ରମ ଆୟୋଜିତ ହେବ ଆସନ୍ତା ମାର୍ଚ୍ଚ ୨୩ ତାରିଖ। ଉକ୍ତ ଦିନ ସୋମବାର ପୂର୍ବାହ୍ନ ୧୦ଟା ସମୟରେ କେନ୍ଦୁଝର ଜିଲ୍ଲା ଦରବାର ହଲ୍ଠାରେ ଏହି ବିଶେଷ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ କେନ୍ଦୁଝର ଏବଂ ଦେବଗଡ଼ ଜିଲ୍ଲାର ମହିଳାମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିପାରିବେ। ବିଶେଷ କରି ଘରୋଇ ହିଂସା, ନିର୍ଯାତନା, ଯୌତୁକ ଜନିତ ସମସ୍ୟା, କର୍ମକ୍ଷେତ୍ରରେ ହେଉଥିବା ହଇରାଣ, ସାଇବର ଅପରାଧ ଏବଂ ମହିଳା ଅଧିକାର ଉଲ୍ଲଂଘନ ସମ୍ପର୍କିତ ଯେକୌଣସି ଅଭିଯୋଗର ଏଠାରେ ଶୁଣାଣି କରାଯିବ।ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଯେଉଁ ମହିଳାମାନେ ପୂର୍ବରୁ ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ସମାଧାନ ଚାହୁଁଛନ୍ତି, ସେମାନେ ଏହି ଶିବିରରେ ଉପସ୍ଥିତ ରହି ନିଜର ଅଭିଯୋଗ ଉପସ୍ଥାପନ କରିପାରିବେ। ଏହାବ୍ୟତୀତ, ଯେଉଁମାନେ ନୂତନ ଭାବେ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହୁଁଛନ୍ତି, ସେମାନେ ମଧ୍ୟ ଶିବିରରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିବାକୁ ରାଜ୍ୟ ମହିଳା ଆୟୋଗଙ୍କ ଆବାହକ ସଚିବ ଅନୁରୋଧ କରିଛନ୍ତି।

# ଶ୍ରୀରାମ ନବମୀ ଉତ୍ସବ ପ୍ରସ୍ତୁତି



ହାଟଡ଼ିହୀ,୨୧।୩(ସମିସ): ଆସନ୍ତା ଶ୍ରୀରାମ ନବମୀ ପୂଜା ଅବସରରେ ହାଟଡ଼ିହୀ ବ୍ଲକ ବଞ୍ଚୋ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଗ୍ରାମର ବିଭିନ୍ନ ପ୍ରମୁଖ ବ୍ୟକ୍ତିବର୍ଗ ଓ ଯୁବସମାଜ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ବର୍ଷ ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ପୂଜା ଧୁମଧାମରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜା ଅବସରରେ ଭଜନ ସନ୍ଧ୍ୟା, ଆନନ୍ଦ ବଜାର ଓ ଗ୍ରାମବାସୀଙ୍କ ସହଯୋଗରେ ମନୋରଞ୍ଜନ ପୂର୍ଣ୍ଣ କାର୍ଯ୍ୟକ୍ରମ ସହିତ ଅପେରାଅନୁଷ୍ଠାନ ଆୟୋଜନ କରାଯିବ। ଏହି ପବିତ୍ର ଅବସରକୁ ସଫଳ କରିବା ପାଇଁ ଗ୍ରାମବାସୀ ଏକତ୍ରିତ ଭାବେ ଆଗକୁ ଆସି ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ମାର୍କଣ୍ଡ ଓଝା, ରତିକାନ୍ତ ରାଉତ, ପ୍ରାଣବଲ୍ଲଭ ପାଢ଼ୀ, ସୁଧାଂଶୁ ରାଉତ, ପ୍ରିୟବତ ନାୟକ, କୀର୍ତ୍ତନ ନାୟକ, ବିକ୍ରମଦେବ ରାଉତ, ବିମଳ କିଶୋର ଜେନା ଓ ରାଧାଗୋବିନ୍ଦ ଦାଶ, ସନାତନ ଓଝା, ମୁକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥ ଉପରେ ସିରିଜ୍ ଦୁର୍ଘଟଣା

ତୁରୁମୁଙ୍ଗା, ୨୧।୩(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ହାତୀବାରି ନିକଟରେ ଶନିବାର ମଧ୍ୟାହ୍ନରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ି ବିପରୀତ ଦିଗରୁ ଆସୁଥିବା ଦୁଇଟି ଟ୍ରକକୁ ଜୋରଦାର ଧକ୍କା ଦେଇଥିଲା। ଦୁର୍ଘଟଣାରେ ଟ୍ରଲର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ଡ୍ରାଇଭରଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ। ଦୁର୍ଘଟଣା ପରେ ରାଜପଥରେ ଯାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ ରାଜପଥର ଗୋଟିଏ ପଟରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲା।





# ହର୍ଷଉଲ୍ଲାସରେ ଇଦ୍-ଉଲ୍-ଫିତର ପାଳିତ





କେନ୍ଦୁଝର, ୨୧।୩(ସମିସ):

ଦୀର୍ଘ ଏକମାସ ବ୍ୟାପୀ ସଂଯମରେ ରହି ରୋଜାକୁ ସଫଳତାର ସହିତ ସମ୍ପନ୍ନ କରି ଶୁକ୍ରବାର ସନ୍ଧ୍ୟାରେ ଆକାଶରେ ଇଦର ଚାନ୍ଦ ଦେଖିବା ସହିତ ଇସଲାମଧର୍ମବଲମ୍ବୀ ଭାଇଭଉଣୀମାନେ ଶନିବାର ସୁଦ୍ଧପୁତ ହୋଇ ନବବସ୍ତ୍ର ପରିଧାନପୂର୍ବକ ମସଜିଦରେ ଏକତ୍ରିତ ହୋଇଥିଲେ। ଆଲ୍ଲାଙ୍କ ଉଦ୍ଦେଶ୍ୟରେ ନମାଜ ପାଠ କରି ବିଶ୍ୱଶାନ୍ତି ଓ ଭ୍ରାତୃଭାବ ନିମନ୍ତେ ଦୁଆ କରିଥିଲେ। ଜୁମ୍ମା ମସଜିଦ ଇମାମ ମୌଲାନା ଇର୍ସାଦ ଫଇଜି ରୋଜା ରମଜାନ ଓ ଇଦ ସମ୍ପର୍କରେ ତକ୍ରୀର କରିଥିଲେ। ନମାଜ ପାଠ ପରେ ସଲାମ ପାଠ କରାଯାଇଥିଲା। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ହାତ ମିଳାଇ ଇଦମୁବାରକ ଜଣାଇଥିଲେ। ହିନ୍ଦୁମୁସଲିମ ସମ୍ପର୍କୀୟ ପଡୋଶୀ ମିଶି ଲଚ୍ଛା, ସିମେଇ, ମିଷ୍ଟାନ୍ନ ଖାଇବା ସହିତ ବଣ୍ଟନ କରିଥିଲେ।

**ଯୋଡ଼ା:** ପବିତ୍ର ରମଜାନ ମାସର ଶେଷରେ ପାଳିତ ହେଉଥିବା ଇଦୁଲ ଫିତର ପର୍ବ ଯୋଡ଼ା ସହରରେ ମଧ୍ୟ ଖୁବ ଧୁମଧାମରେ ପାଳନ କରାଯାଇଛି। ସକାଳୁ ସକାଳୁ ମୁସଲିମ ଭାଇଭଉଣୀମାନେ ନୂତନ ପୋଷାକ ପିନ୍ଧି ନିକଟସ୍ଥ ମସଜିଦରେ ଏକତ୍ରିତ ହୋଇ ବିଶେଷ ନମାଜ ପାଠ କରିଥିଲେ। ମସଜିଦରେ ଆଜି ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନମାଜ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି 'ଇଦ ମୁବାରକ' ଶୁଭେଚ୍ଛା ଜଣାଇଥିଲେ। ଏହି ପର୍ବ ମାନବତା, ଭାଇଚାରା ଓ ସହଯୋଗର ସନ୍ଦେଶ ଦେଇଥାଏ। ଘରେ ଘରେ ବିଭିନ୍ନ ପ୍ରକାରର ରୋଷେଇ, ବିଶେଷ କରି ସେମେଇ, କବାବ ଓ ମିଠା ପ୍ରସ୍ତୁତ କରାଯାଇଥାଏ। ଛୋଟ ପିଲାମାନେ ନୂତନ ପୋଷାକ ପିନ୍ଧି ଖୁସିରେ ମଜା କରୁଥିବା ବେଳେ ବୃଦ୍ଧମାନେ ସମାଜର ଶାନ୍ତି ଓ ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଟକଣା କରାଯାଇଥିଲା, ଯାହା ଫଳରେ ପର୍ବଟି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଯୋଡ଼ା ପୌରପାଳିକାର ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଯୋଡ଼ା ଟ୍ରକ ମାଲିକ ସଙ୍ଘର ସମ୍ପାଦକ ସୁଶାନ୍ତ କୁମାର ବାରିକ, ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ଯୋଡ଼ା ଟ୍ରକ ମାଲିକ ସଙ୍ଘର ପୂର୍ବତନ ସମ୍ପାଦକ ରବିନାରାୟଣ ଦାସ, କାବୁ ଜେନା ପ୍ରମୁଖ ଇଦ ପର୍ବର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ମଦିନା ମସଜିଦ ସଭାପତି ଏମଡି ସୋଏବ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ୍ ପଣ୍ଡୁଆ ଓ ପଞ୍ଚହରା ଗ୍ରାମର ମୁସଲମାନ ସମ୍ପ୍ରଦାୟ ଇଦୁଲଫିତର ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ସମୂହ ନମାଜ ପାଠ କରିବା ସହ କବର ସ୍ଥାନରେ ପୂଜାର୍ଚ୍ଚନା କରି ପରସ୍ପରକୁ ଇଦୁଲଫିତର ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତେ ନୂଆ ପୋଷାକ ପରିଧାନ କରିବା ସହ ଭୋଜିଭାତର ଆସର ଜମିଛି। ପଞ୍ଚହରା ଗ୍ରାମର ମୌଲବୀ ମହମ୍ମଦ ସିରାଜ, ସଭାପତି ମିର୍ଜା ୟାକୁବ ବେଗ୍, ସମ୍ପାଦକ ମିର୍ଜା ସଫିଉଦ୍ଦିନ ବେଗ୍, ମିର୍ଜା ଜାହାଙ୍ଗୀର ବେଗ୍, ଅଲ୍ଲୀ ମିର୍ଜା, ପଣ୍ଡୁଆର ମୌଲବୀ ଏମ୍‌ଡି ଆକ୍ରମ, ସର୍ଦ୍ଦାର ଅବଦୁଲ ରହିମ୍ ଖାନ୍, ହନାନ୍ ଖାନ୍, ମହମ୍ମଦ ତାଜୁଦ୍ଦିନ ଖାନ୍, ତାଇସିମ୍ ଖାନ୍, ହାପିଜୁଦିନ ଖାନ୍, ମୌଲବୀ ହୁସେନଙ୍କ ସହ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।





## ଧାନକିଣାରେ ମୟୂରଭଞ୍ଜର ରେକର୍ଡ, ଛିଡୁନି ଚାଷୀ ସମସ୍ୟା

# କିଣା ଗଲାଣି ୨୬.୪୨ ଲକ୍ଷ କ୍ୱିଣ୍ଟାଲ ଧାନ

**ବାରିପଦା, ୨୧।୩(ସମିସ)**



ମୟୂରଭଞ୍ଜ ଜିଲ୍ଲାରେ ଧାନକିଣାରେ ରେକର୍ଡ ହୋଇଛି। ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ସର୍ବକାଳୀନ ରେକର୍ଡ ପରିମାଣର ଧାନ କିଣା ଗଲାଣି। ତଥାପି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଟୋକନ୍ ବିଭ୍ରାଟ ଓ ବେଆଇନ ଅର୍ଥ ଆଦାୟ ଅଭିଯୋଗ ଦର୍ଶାଇ କୃଷକ ସଂଗଠନ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଧାନକିଣା ଅବଧି ବୃଦ୍ଧି ସହିତ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି କହିଛନ୍ତି।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଆଜି ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ୭୧ ହଜାର ୨୨୮ ଚାଷୀଙ୍କ ପାଖରୁ ୨୬ ଲକ୍ଷ ୪୨ ହଜାର କ୍ୱିଣ୍ଟାଲ ଧାନ କିଣାଗଲାଣି। ଯାହାକି ଗତବର୍ଷ ତୁଳନାରେ ପାଖାପାଖି ୪ ଲକ୍ଷ କ୍ୱିଣ୍ଟାଲ ଧାନ ଅଧିକ କିଣା ସରିଲାଣି। ଗତବର୍ଷ ଜିଲ୍ଲାରୁ ୨୨ ଲକ୍ଷ ୩୫ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ବିକ୍ରି ଯୋଗ୍ୟ ଧାନ ଚାଷୀଙ୍କ ପାଖରେ ରହିଥିବାରୁ ଧାନ କିଣା ଧାର୍ଯ୍ୟ ଲକ୍ଷ୍ୟ ବର୍ତ୍ତମାନ ୨୭ ଲକ୍ଷ ୫୭ ହଜାର ୮୦ କ୍ୱିଣ୍ଟାଲ ରଖାଯାଇଛି। ତେବେ ଆବଶ୍ୟକ ଅନୁସାରେ ଏହା ବୃଦ୍ଧି ମଧ୍ୟ କରାଯିବା ସମ୍ଭାବନା ରହିଛି। ଯେଉଁଠି ଧାନ କ୍ରୟ ପ୍ରକ୍ରିୟା ଏବେ ମୟୂରଭଞ୍ଜ ନୂଆ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଏହି ସଫଳତା ପଛରେ ଲୁଚି ରହିଛି ଚାଷୀଙ୍କ ଅସଂଖ୍ୟ ଅଭିଯୋଗ। ମୟୂରଭଞ୍ଜର ବିଭିନ୍ନ ମଣ୍ଡିରେ ଏବେବି କଟନି ଛଟନି ଓ ପ୍ରଶାସନିକ ଅବହେଳାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରଙ୍କ ସହ ମିଳିଭଗତ କରି ମଣ୍ଡିରେ ୮ରୁ ୧୪ କିଲୋଗ୍ରାମ ପର୍ଯ୍ୟନ୍ତ କଟ୍‌ନି କରାଯାଉଛି। ଏଫ୍ଏକ୍ୟୁ ମାନଦଣ୍ଡ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି।

କେବଳ ସେତିକି ନୁହେଁ, ସଠିକ୍ ସମୟରେ ଟୋକନ୍ ନ ଆସିବା, କମ୍ ପରିମାଣର ଟୋକନ୍ ମିଳିବା, ଗାଡ଼ି ଲୋଡିଂ ନାଁରେ ବେଆଇନ ଅର୍ଥ ଆଦାୟ ହେଉଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଧାନକିଣା ଅବଧି ଶେଷ ହେବାକୁ ଯାଉଥିଲେ ସୁଦ୍ଧା ଅନେକ ସ୍ଥାନରେ ଟାର୍ଗେଟ୍ ନ ଥିବାରୁ ଚାଷୀ ଏବେ ଚିନ୍ତାରେ। ଆମକୁ ଟୋକନ୍ ମିଳୁନି, ମିଲର ମନମାନୀ କରି କଟନି କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ କରିଛନ୍ତି କୃଷକ ନେତା ରବୀନ୍ଦ୍ର ଶତପଥୀ ଓ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ।

ଜିଲ୍ଲାର ମୋଟ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୮୩ ହଜାର ୮୨୦ ଥିବାବେଳେ ୭୦ ହଜାର ୫୦୦ ଜଣ ବିକ୍ରି କରିଛନ୍ତି। ଅନ୍ଥରି ୧୨ ହଜାର ୫୯୨ ଜଣ ଚାଷୀ ଟୋକନ ପାଇ ଧାନ ବିକ୍ରି କରିନାହାନ୍ତି। ଲ୍ୟାମ୍ପସ ଧାନ କିଣୁ ନ ଥିବା ଅଭିଯୋଗ କରି ବାସିପଠା, ସାନକେରକୋ ଓ ଚାନ୍ଦୁଆ ଆଦି ଅଞ୍ଚଳର ଚାଷୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଇଛନ୍ତି। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ଦୁଇଗୁଣା ଧାନ କିଣା ସରିଥିଲେ ମଧ୍ୟ ଏବେବି ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କ

- ୧୨.୫୯୨ ହଜାର ଚାଷୀ ବଞ୍ଚିତ
- 'ସବୁ ଚାଷୀଙ୍କଠାରୁ ଧାନ କିଣାଯିବ'

ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ମିଲରଙ୍କ ପାଖରେ ଜାଗା ଅଭାବ ଥିବାରୁ ଆରଏମସି ଓ ଲ୍ୟାମ୍ପସ ଗୋଦାମ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଜିଲ୍ଲାରେ ଧାନକିଣା ସୁରୁଖୁରୁରେ ଚାଲିଛି। ଟୋକନ୍ ଅବଧିକୁ ୧ ମାସ କୋହଳ କରାଯିବା ସହ ସରକାରଙ୍କ ଅଧିକ ୧୫ ଦିନ ସମୟ ଦେଇଛନ୍ତି। କୌଣସି ମଣ୍ଡି ବନ୍ଦ କରାଯାଇନାହିଁ। ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି। ପ୍ରଶାସନିକ ପ୍ରତିଶ୍ରୁତି ସତ୍ତ୍ୱେ ମଣ୍ଡିରେ ଚାଷୀଙ୍କ ଶୋଷଣ କେବେ ବନ୍ଦ ହେଉଛି ଓ ଶେଷ ଚାଷୀର ଧାନ ସଠିକ୍ ଭାବେ କିଣାଯାଉଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

## ଚୈତ୍ର ନବରାତ୍ର ତୃତୀୟ ସନ୍ଧ୍ୟା



ବାରିପଦାର ମା' ଅମ୍ବିକାଙ୍କ ଷଡ଼ଶୀ ବେଶ

## ପାତିହିଞ୍ଜା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଳିଅଣା, ୨୧।୩(ସମିସ):** କୁଳିଅଣା ବ୍ଲକ ଅନ୍ତର୍ଗତ ପାତିହିଞ୍ଜା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ସୁଗଦା ମୁର୍ମୁ ଯୋଗଦେଇ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ସମ୍ମାନିତ ଅତିଥି ଭାବେ ଅତିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ପ୍ରଧାନଶିକ୍ଷକ ରଜତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପ୍ରତିହାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ବାସ୍କେ, ବ୍ଲକ ଡବ୍ଲ୍ୟୁଇଓ ବାଙ୍କନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ସୁକେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଦୀପକ ଦଣ୍ଡପାଟ ଓ ବିଶ୍ୱନାଥ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସୀମାଲ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଯଦୁମଣି ବେହେରା, ଆମୋଶ ଗମାଙ୍ଗ, ମାନଭଞ୍ଜନ ସାହୁ, ସଞ୍ଜୟ ନାଏକ, ଅଶୋକ ପଢ଼ିଆରୀ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ପଖାଳ ଦିବସ

**ବଡ଼ସାହି, ୨୧।୩(ସମିସ):** ଓଡ଼ିଆମାନଙ୍କ ପାରମ୍ପରିକ ଖାଦ୍ୟ ପଖାଳ ଖାଇବା କ୍ରମଶଃ ବନ୍ଦ ହେବାକୁ ବସିଥିବାବେଳେ ଓଡ଼ିଆ ପରମ୍ପରାକୁ ରକ୍ଷା କରିବାର ଉଦ୍ଦେଶ୍ୟ ନେଇ ବଡ଼ସାହି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ସଦସ୍ୟଙ୍କ ଦ୍ୱାରା ପଖାଳ ସହିତ ବିଭିନ୍ନ ସୁସ୍ୱାଦୁ ତରକାରୀ ପ୍ରସ୍ତୁତ କରାଯାଇ ଭୋଜନରେ ସମସ୍ତେ ସାମିଲ ହୋଇଥିଲେ। ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସଂଘର ସଭାପତି ରଣଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଗଠନ ସମ୍ପାଦକ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ, ବଙ୍କିମ ବିହାରୀ ପାତ୍ର, ସମ୍ପାଦକ ଅନନ୍ତ ଶତପଥୀ, ସନ୍ତୋଷ ବିଶ୍ୱାଳ, ଧ୍ରୁବେନ୍ଦ୍ର ଜେନା, ରତିକାନ୍ତ ବେହେରା, ଶଙ୍କର୍ଷଣ ଛାଟିଆ, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର, ଧ୍ରୁବେନ୍ଦ୍ର ବାରିକ, ବ୍ରଜଗୋପାଳ ଦଣ୍ଡପାଟ, କାଳୀଚରଣ ଗିରି, ରମାକାନ୍ତ ପାତ୍ର, ଆକୁଳ ମହାନ୍ତ, ନୀଳମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

**ରାଇରଙ୍ଗପୁର, ୨୧।୩(ସମିସ):** ବାଦାମପାହାଡ଼ ଥାନା ଅଞ୍ଚଳରେ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି ହୋଇଛି। ପୂର୍ବରୁ ବିଦ୍ୟୁତ୍ ଯନ୍ତ୍ରାଂଶ ବାରମ୍ବାର ଚୋରି ହେଉଥିବାବେଳେ ଦୁର୍ବୃତ୍ତମାନେ ଗ୍ରାମରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି କରିଛନ୍ତି। ଏ ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ବନପୋଖରିଆ ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ। ୧୬ କେଭି ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହୋଇଥିବା ଜାଣି ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଅଭିଯୋଗକ୍ରମେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ସର୍ବଭାରତୀୟ ସିଭିଲ ସର୍ଭିସ ଖୋ-ଖୋ ଟୁର୍ଣ୍ଣାମେଣ୍ଟ

## ଓଡ଼ିଶା ପୁରୁଷ ଓ ମହିଳା ଦଳର ଚମତ୍କାର ପ୍ରଦର୍ଶନ

**ଗୋପବନ୍ଧୁନଗର/ଉଦଳା, ୨୧।୩(ସମିସ):** ମହାରାଷ୍ଟ୍ରର ପୁନେସ୍ଥ ଛତ୍ରପତି ଶିବାଜୀ ଷ୍ଟାଡ଼ିୟମରେ ଚାଲିଥିବା ସର୍ବଭାରତୀୟ ବେସାମରିକ ଖୋ-ଖୋ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଓ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛି। ଓଡ଼ିଶାର ସୁନାମଧନ୍ୟ ଖୋ-ଖୋ କୋଚ୍ ଓ ମ୍ୟାନେଜର ତଥା ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଏସ୍ଏସ୍‌ଡି ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଗୋଟିଏ ପରେ ଗୋଟିଏ ମ୍ୟାଚ ଜିତ ଚାଲିଛନ୍ତି। ପୁରୁଷ ଦଳ ପ୍ରଥମେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ପରାସ୍ତ କରିଥିବା ସ୍ଥଳେ ମହିଳା ଦଳ ଉତ୍ତରାଖଣ୍ଡ, ଛତିଶଗଡ଼ ଓ କେରଳକୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି।

## ବାଲ୍ୟ ବିବାହ ପୂର୍ବରୁ କନ୍ୟା ଉଦ୍ଧାର

**ବାରିପଦା, ୨୧।୩(ସମିସ):** ଶନିବାର ଏକ ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ଓ ବାରିପଦା ଟାଉନ ପୁଲିସର ତତ୍କାଳ ପଦକ୍ଷେପ କ୍ରମେ ରୋକାଯାଇପାରିଛି। ଖବର ଲେଖାଯିବା ବେଳକୁ କନ୍ୟାକୁ ଉଦ୍ଧାର କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି। ଶାମାଖୁଣ୍ଟା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକା ବାରିପଦା ଟାଉନ ଥାନା ଅଧୀନ ଦେବେନ୍ଦ୍ରପୁର ଅଞ୍ଚଳର ପ୍ରେମିକ ଘରକୁ ପଳାଇ ଆସି ବିବାହ ପାଇଁ ପ୍ରସ୍ତୁତ ହେଉଥିଲେ। ତେବେ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ଜଣାଇବା ପରେ ପୁଲିସ ସହାୟତାରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

### ମମତା ଯୋଜନା ପ୍ରଲୋଭନ

## ଗର୍ଭବତୀ ମହିଳାଙ୍କଠାରୁ ୪୦ ହଜାର ଟଙ୍କାର ସାଇବର ଠକେଇ

**ଉଦଳା, ୨୧।୩(ସମିସ):** ମମତା ଯୋଜନା ପ୍ରଲୋଭନ ଦେଖାଇଲେ, ଅଣ୍ଡା ଓ ଛତୁଆ ଦେବେ କହି ଗର୍ଭବତୀ ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ସବୁ ନେଇଗଲେ ସାଇବର ଠକ। ଅଲଗା ନମ୍ବରରୁ ଗୋଟିଏ ଫୋନ କଲ ଆସିଲା ଗର୍ଭବତୀ ମହିଳାଙ୍କ ପାଖକୁ ଓ କହିଲେ ଅଙ୍ଗନବାଡିର ଉପର ଅଫିସର କହୁଛନ୍ତି। ମହିଳା ଜଣକ ଅଣ୍ଡା ଛତୁଆ ପାଉଛନ୍ତି କି ନାହିଁ ପଚାରିଲେ ଓ ତା' ପରେ ଆକାଉଣ୍ଟ ନମ୍ବର ନେଇ ଆକାଉଣ୍ଟରୁ ଲୁଟିନେଲେ ଟଙ୍କା। ଏଭଳି ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ



ଧାନଘେରା ଗ୍ରାମରେ। ଏକ ଅଜଣା ନମ୍ବରରୁ ଧାନଘେରା ଗ୍ରାମର ଗର୍ଭବତୀ ମହିଳା ଶକୁନ୍ତଳା ବେହେରାଙ୍କୁ ଫୋନ ଆସିଲା। ଅଙ୍ଗନବାଡିର ଉପରିସ୍ଥ ଅଧିକାରୀ କହୁଛନ୍ତି କହିବା ସହିତ କେତେ ମାସ ହେବ ଅଣ୍ଡା ଓ ଛତୁଆ ପାଇ ନାହାନ୍ତି ବୋଲି ପଚାରିଲେ। ପରେ ଶକୁନ୍ତଳାଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିଥିଲେ। କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ ଗର୍ଭବତୀ ମହିଳା। ସାଇବର ଲୁଟେରା ଲୁଟରେ ନୂଆ ଫଣ୍ଡା ଆପଣେଇ ଲୁଟ କରିଥିବାବେଳେ ଶିକାର ହୋଇଥିବା ମହିଳା ଉଦଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ପଞ୍ଚମ ଦିନରେ ହସ୍ପିଟାଲ ଆଗରେ ଧାରଣା

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ



**ମୋରଡ଼ା, ୨୧।୩(ସମିସ):** ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ତରଫରୁ ଗତ ୧୭ ତାରିଖ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଉଥିବାବେଳେ ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଉକ୍ତ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେସିନର ସ୍ଥାପନ, ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି। ତେବେ ପୂର୍ବରୁ ଧାରଣାସ୍ଥଳରେ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତି ଦାସଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ସଫଳ ହୋଇ ନ ଥିଲା। ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଏମିତି ଚାଲୁ ରହିବ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି। ଧାରଣା ପାଞ୍ଚଦିନ ଧରି ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜି ଦେବା ସହିତ ବର୍ତ୍ତମାନ ଯାଏଁ କୌଣସି ସମାଧାନର ବାଟ ବାହାରି ନାହିଁ। ଫଳରେ ଲୋକଙ୍କ ସମସ୍ୟା କେମିତି ସମାଧାନ ହେବ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ଦାସ। ଆଜି ଧାରଣାରେ ଶ୍ରୀ ଦାସଙ୍କ ସହିତ ବ୍ଲକ ସଭାପତି ହେମନ୍ତ ମହାନ୍ତ, ସଂଗଠନ ସମ୍ପାଦକ ରାଧେଶ୍ୟାମ ପାତ୍ର, ଅମୀର ଖାନ, ଡାକ୍ତର ହେମ୍ବ୍ରମ, ଭାଗ୍ୟବତୀ ହେମ୍ବ୍ରମ, ସିପୁ ମୁଦୁଲି, ପପୁ ଦାସ ପ୍ରମୁଖଙ୍କ ସହ ଅନ୍ୟ କର୍ମୀ ସାମିଲ ହୋଇଥିଲେ।

## ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର



**ବେତନଟୀ, ୨୧।୩(ସମିସ):** ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କବିତା ଦିବସ ପାଳନ ଅବସରରେ ସଂସଦର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ସାହିତ୍ୟର ସୁରକ୍ଷା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ। ବସନ୍ତ ଋତୁ ଆଗମନକୁ ସ୍ୱାଗତ କରି କବି, କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଇତ୍ୟବସରରେ ସାଂଗଠନିକ ଆଲୋଚନା କ୍ରମରେ ସଂସଦର ବାର୍ଷିକ ଉତ୍ସବ ପାଳନ, ଆଗାମୀ ଉତ୍କଳ ଦିବସ ପାଳନ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା। ବନମୟୂରୀ ପତ୍ରିକା ସମ୍ପାଦକ ନୀରଦ ସୁନ୍ଦର ଜେନା କବିତାର ସଂଯୋଜନା କରିଥିଲେ। କବିତା ପାଠ ଓ ଆଲୋଚନାରେ ସଂସଦ କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଉପଦେଷ୍ଟା ବାସୁଦେବ ନାପିତ, ସୌଦାମିନୀ ପଣ୍ଡା, ହରେନ୍ଦ୍ର ନାଥ ବାରିକ, ସୀମାଦାସ ଖଟୁଆ, ଡଃ ମନ୍ଦାକିନୀ ସାହୁ, ଉପସଭାପତି ଗୌତମ ବେହେରା, ସହଦେବ ଗିରି, ରବୀନ୍ଦ୍ର ନାଥ ମିଶ୍ର, ଉଷା ଶତପଥୀ, ରବୀନ୍ଦ୍ର ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମଳଲୋଚନ କର ସହଯୋଗ କରିଥିଲେ। ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ଇଦ୍ ପର୍ବ



**ବାରିପଦା, ୨୧।୩(ସମିସ):** ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ-ଉଲ-ଫିତର ପର୍ବ ବାରିପଦା ସହରରେ ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ମସଜିଦରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ୍ ପାଠ କରିଥିଲେ। ଏଥିପରେ ପରସ୍ପରକୁ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଧର୍ମାଲମ୍ବୀ ଦୀର୍ଘ ଏକ ମାସର ନିଷ୍ଠାର ସହ ଉପବାସ ନୀତି ପରେ ଇଦ୍ ପାଳନ କରିଥିବାବେଳେ ସେମାନଙ୍କ ମଧ୍ୟରେ ବେଶ ଖୁସି ଦେଖିବାକୁ ମିଳିଥିଲା। ଇଦ୍ ପର୍ବ ନେଇ ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ମସଜିଦରେ ଶ୍ରଦ୍ଧାଳୁ ନୂଆ ବସ୍ତ୍ର ପରିଧାନ କରି ମହାଆଡମ୍ବରରେ ଇଦ ପର୍ବ ପାଳନ କରିଛନ୍ତି। ଇଦ୍ ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକେ ଇଦ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଛନ୍ତି। ଏ ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି। ତ୍ୟାଗ ଓ ସମର୍ପଣର ପର୍ବରେ ଶାନ୍ତିମୟ, ସମୃଦ୍ଧ ସମାଜ ପାଇଁ ସମସ୍ତେ ଆଗେଇ ଆସିବାକୁ ନିଜ ମଧ୍ୟରେ ଆହ୍ୱାନ ଦେଇଥିଲେ। ଇଦ ପର୍ବକୁ ନେଇ ଶାନ୍ତିଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଠାକୁରମୁଣ୍ଡାରେ ରେଶମ ସାଧନ କେନ୍ଦ୍ର ଉଦ୍‌ଘାଟିତ

**ମହୁଲଡିହା, ୨୧।୩(ସମିସ)**

ଟସର ସିଲକର ମୂଲ୍ୟଯୁକ୍ତ ବ୍ୟବସାୟ ବୃଦ୍ଧି ଲକ୍ଷ୍ୟରେ ଠାକୁରମୁଣ୍ଡାରେ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଏକ ରେଶମ ସାଧନ କେନ୍ଦ୍ର ଉଦଘାଟିତ ହୋଇଛି। ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧୀନ କଟକସ୍ଥ ରେଶମ ବୈଷୟିକ ସେବା କେନ୍ଦ୍ର (ଏସଟିଏସସି ) ଦ୍ୱାରା ଏହି ସାଧନ କେନ୍ଦ୍ର ସ୍ଥାପିତ ହୋଇଛି। ଭାରତ ସରକାରଙ୍କ ସିଲକ ସମଗ୍ର-୨ ଯୋଜନାରେ ଟସର ଉତ୍ପାଦନ ପରବର୍ତ୍ତୀ କୌଶଳ ବ୍ୟବହାର ଦିଗରେ ସ୍ଥାନୀୟ ମହିଳାଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ରେଶମ ସାଧନ କେନ୍ଦ୍ର ବୈଜ୍ଞାନିକ ତଥା ରେଶମ ବୈଷୟିକ ସେବା କେନ୍ଦ୍ର ପରିଚାଳକ ଅମ୍ରିତ ଲାୟକ ଯୋଗଦେଇ କେନ୍ଦ୍ର ଉଦଘାଟନ କରିଥିଲେ।



ବାରିପଦା ଅତିରିକ୍ତ ରେଶମ ଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ, ଆରଏସଆରଏସ, ବାରିପଦାର ବୈଜ୍ଞାନିକ ଅଗସ୍ତି ଗଣେଶନ, ବିଏସଏମଟିସି ବୈଜ୍ଞାନିକ ସବୁଜ ଗାଙ୍ଗୁଲି, ଟିଆରସିଏସ, କେନ୍ଦୁଜିଆଣୀ ସମ୍ପାଦକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନେ କିପରି ଟସରରୁ ବିଭିନ୍ନ ଉତ୍ପାଦ ବଜାରରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅମ୍ରିତ ଲାୟକ କହିଲେ, ରେଶମ ସାଧନ କେନ୍ଦ୍ର ଟସର ସୂତା କଟାଳି ଓ ଚାଷୀଙ୍କୁ ତାଲିମ, ଜ୍ଞାନକୌଶଳ ପ୍ରଦର୍ଶନ ଓ ସଚେତନତା ସୃଷ୍ଟି ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସାଧନ କେନ୍ଦ୍ରରେ ସ୍ମାର୍ଟ ଟିଭି, ଦୃଶ୍ୟଶ୍ରାବ୍ୟ ଉପକରଣ, ଲାପଟପ, ସୂତା କଟା ମେସିନ ଆଦି ବ୍ୟବହାରିକ ତାଲିମ ପାଇଁ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଉପଲବ୍ଧ ରହିଛି। ଯେହେତୁ ଠାକୁରମୁଣ୍ଡା ଟସର ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ଏଠାରେ ୩ଟି ଟସର ସୋସାଇଟି ରହିଛି, ତେଣୁ ଏସଆରସି ଟସର ଚାଷୀଙ୍କ କୌଶଳ ବୃଦ୍ଧି ଓ ଭାବ ବିନିମୟର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଠାକୁରମୁଣ୍ଡା ଅଞ୍ଚଳରେ ଟସର ଚାଷ ବୃଦ୍ଧି କ୍ଷେତ୍ରରେ ତାଲିମ ପ୍ରଦାନ କ୍ଷେତ୍ରରେ ମଧ୍ୟ ଏସଆରସି ବ୍ୟବହୃତ ହୋଇପାରିବ ବୋଲି ଶ୍ରୀ ଲାୟକ କହିଥିଲେ। ନିୟମିତ ଭାବେ ଟ୍ରେନିଂ, ସଚେତନତା, ବୈଷୟିକ ପ୍ରଦର୍ଶନ ଫଳରେ ଲୋକଙ୍କ ଭିତରେ ନୂଆ ନୂଆ କୌଶଳ ଉପଯୋଗ ପାଇଁ ଆଗ୍ରହ ବଢ଼ାଇବା ଦିଗରେ ରେଶମ ସାଧନ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆରଆରଡିଓ ସହଯୋଗରେ ଏହି ରେଶମ ସାଧନ କେନ୍ଦ୍ର ସ୍ଥାପିତ ହୋଇଛି। ଉଦଘାଟନୀ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଶରତ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ନିର୍ଦ୍ଦେଶକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ-ଗ୍ରାମବାସୀ ମୁହାଁମୁହିଁ ଘଟଣା

# ରାଇରଙ୍ଗପୁର ଜେଲ୍‌ରୁ ମୁକୁଳିଲେ ଗିରଫ ୩୪ ଆଦିବାସୀ





ରାଇରଙ୍ଗପୁର,୨୧।୩(ସମିସ):

ପୁଲିସକୁ ଆକ୍ରମଣ ଘଟଣାରେ ଗିରଫ ୩୪ ଜଣ ଆଦିବାସୀଙ୍କୁ ଜେଲରୁ ଖଲାସ କରାଯାଇଛି। ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚର ବାମନଘାଟି ଉପଖଣ୍ଡ ବନ୍ଦକୁ ନେଇ ସମସ୍ତ ଗିରଫଙ୍କୁ ଶନିବାର ଜେଲରୁ ମୁକୁଳାଇବେ ନେଇ ଲିଖିତ ପ୍ରତିଶ୍ରୁତି ମିଳିଥିଲା। ଯାହାକୁ ନେଇ ଶନିବାର ସନ୍ଧ୍ୟାରେ ଖଲାସ କରାଯାଇଛି। ଏହାପରେ ଆସେକାଠାରେ ମୟୁରଭଞ୍ଜ ଆଦିବାସି ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ। ୩୪ ଜଣ ଗିରଫ ଆଦିବାସୀଙ୍କ ମଧ୍ୟରେ ୨୭ ଜଣ ମହିଳା ଓ ୭ ଜଣ ପୁରୁଷ ଥିଲେ।

ତିରିଂ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅସଦାଚରଣ ନେଇ ବହଳଦା ବାଇପାସରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଏ ସମୟରେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଗ୍ରାମବାସୀଙ୍କ ଆକ୍ରମଣରେ ୧୩ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ବହଳଦା ଥାନାରେ ୫୯ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବାବେଳେ ୩୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେମାନଙ୍କୁ ଖଲାସ ଦାବିରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଆନ୍ଦୋଳନ ପରେ ବି ଦାବି ପୂରଣ ନ ହେବାରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଶୁକ୍ରବାର ସକାଳ ୬ରୁ ରବିବାର ସକାଳ ୬ ପର୍ଯ୍ୟନ୍ତ ବାମନଘାଟି ଉପଖଣ୍ଡ ବନ୍ଦ ଡାକରା ଦିଆଯାଇଥିଲା। ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ ଜୋରଦାର ବନ୍ଦ ପାଳନ କରାଯାଇଥିଲା। ଯାହାକୁ ନେଇ ବନ୍ଦର ୧୨ ଘଣ୍ଟା ମଧ୍ୟରେ ଦାବି ପୂରଣ ନେଇ ପୁଲିସ ପ୍ରଶାସନ ରାଜି ହୋଇଥିଲେ। ବିଜେଡି ସମେତ ବିଭିନ୍ନ ଆଦିବାସୀ ସଂଗଠନର ନେତୃତ୍ୱଙ୍କ ସହ ପୁଲିସ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା। ଶନିବାର ଅପରାହ୍ନ ସୁଦ୍ଧା ୩୪ ଜଣ ଆଦିବାସୀଙ୍କୁ ମୁକୁଳାଇବା ପାଇଁ ସମସ୍ତ ଦାୟିତ୍ୱ ନିଜେ ଗ୍ରହଣ କରିବେ ବୋଲି ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁନାଥ ଜେନା ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ମୟୂରଭଞ୍ଜ ମିଳିତ ଆଦିବାସୀ ମଞ୍ଚର ୪୮ ଘଣ୍ଟିଆ ବନ୍ଦ ଡାକରା ସ୍ଥଗିତ ରହିଥିଲା। ଲିଖିତ ପ୍ରତିଶ୍ରୁତି କ୍ରମେ ଗିରଫ ଆଦିବାସୀ ଜେଲରୁ ଖଲାସ ହୋଇଛନ୍ତି। ଜେଲରୁ ବାହାରି ସ୍ୱତନ୍ତ୍ର ବସରେ ଆସେକାକୁ ଆସିଥିଲେ। ସେଠାରୁ ବିଭିନ୍ନ ସ୍ଥାନରୁ ଆସିଥିବା ୫୦୦୦ରୁ ଅଧିକ ଆଦିବାସୀ ଲୋକଙ୍କ ସମାଗମ ହୋଇଥିଲା। ସ୍ୱତନ୍ତ୍ର ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ଅଭିଷେକ ପଟ୍ଟନାୟକ, ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ମହିଳା ସଭାନେତ୍ରୀ ତନୁଜା ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ସୂର୍ଯ୍ୟମଣି ହାଁସଦା, ଆସେକା ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ସମେତ ନେତା ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।



■ ବାମନଘାଟି ବନ୍ଦ ନେଇ ବିଭିନ୍ନ ଥାନାରେ ମାମଲା

# ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗ

ରାଇରଙ୍ଗପୁର,୨୧।୩(ସମିସ): ଗିରଫ ୩୪ ଜଣ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସ ଦାବିରେ ବାମନଘାଟି ବନ୍ଦ ପାଳନ ହୋଇଥିଲା। ଏହାକୁ ନେଇ ବାମନଘାଟି ଉପଖଣ୍ଡର ବିଭିନ୍ନ ଥାନାରେ ଆଦିବାସୀ ବିକ୍ଷୋଭକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ମାର୍ଚ୍ଚ ୨୦ ତାରିଖ ସକାଳ ୬ରୁ ୪୮ ଘଣ୍ଟିଆ ବାମନଘାଟି ବନ୍ଦ ଡାକରା ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଦିଆଯାଇଥିଲା। ତେବେ ଦାବି ପୂରଣ ପ୍ରତିଶ୍ରୁତି ପରେ ୧୨ ଘଣ୍ଟାରେ ବନ୍ଦ ପାଳନକୁ ସ୍ଥଗିତ ରଖାଯାଇଛି। ଉକ୍ତ ସମୟରେ ବିଜେଡି, ଜେଏମଏମ, କଂଗ୍ରେସ, ଆସେକା, ମାସା ଆର୍ମୀ, ଭଞ୍ଜ ଖେରୱାଲ ଜୁମିଦ ସମେତ ୧୫ଟି ଆଦିବାସୀ ସଙ୍ଗଠନ ଜଡିତ ହୋଇ ଜୋରଦାର ବାମନଘାଟି ଉପଖଣ୍ଡ ବନ୍ଦ କରିଥିଲେ। ପିକେଟିଂ କରି ଦୋକାନ ବଜାର ବନ୍ଦ ସହ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଆଦି ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବନ୍ଦ ହୋଇ ଜନସାଧାରଣଙ୍କ ଜୀବନ ଯାତ୍ରା ଅସ୍ୱାଭାବିକ ହୋଇଥିଲା। ଏହାକୁ ନେଇ ବିଭିନ୍ନ ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବାଦାମପାହାଡ଼ ଥାନା ଅନ୍ତର୍ଗତ ଝାଲଡୁଙ୍ଗରି ଛକ ନିକଟରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ନେଇ ମାମଲା ହୋଇଛି। ଚକ୍ରଧର ହେମ୍ବ୍ରମ, ସୁଲୋଚନା ହେମ୍ବ୍ରମ, ଛୋଟରାୟ ହାଁସଦା, ଘାସିରାମ ହାଁସଦା ସମେତ ୨୫ରୁ ୩୦ ଜଣ ଆନ୍ଦୋଳନକାରୀଙ୍କ ନାମରେ ପୁଲିସ ମାମଲା ରୁଜୁ କରିଛି। ସେହିପରି ବହଳଦା ଥାନା ଅନ୍ତର୍ଗତ ତେନ୍ତଲ ଛକରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ନେଇ ମାମଲା ହୋଇଛି। ସାଲହାଇ ଟୁଡୁ, ଫାଗୁ ବେଶ୍ରା, ରତନ ବେଶ୍ରା, ଜିତମୋହନ ମାର୍ଣ୍ଡି, ମାନସିଂ ବେଶ୍ରା, ଲକ୍ଷ୍ମଣ ବିରୁଆ ଆଦି ୧୭ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ମୁର୍ମୀ ଛକରେ ଜାତୀୟ ରାଜପଥ ଅବରୋଧ ନେଇ ମାସା ସଂଗଠନର କର୍ମକର୍ତ୍ତା ବବଲୁ ଟୁଡୁ, ବିଶ୍ୱନାଥ ସୋରେନ, ରାଜେନ୍ଦ୍ର ମଲ୍ଲିକ, ପ୍ରକାଶ ସାହୁ, ରାହୁଲ ଯାଦବ, ଜଗନ୍ନାଥ ମୁର୍ମୁ ସମେତ ୯ ଜଣଙ୍କ ନାମରେ ବହଳଦା ଥାନାରେ ମାମଲା ରୁଜୁ ହୋଇଛି। ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବିର୍ସା ମୁଣ୍ଡା ଛକରେ ଆସେକା ସଂଗଠନ କର୍ମକର୍ତ୍ତା ରାସ୍ତା ଅବରୋଧ କରିଥିଲେ। ସୁରେଶ ସୋରେନ, ଶିଶୁପଦ ହାଁସଦା, ସାଲଖୁ ମୁର୍ମୀ, ଇନ୍ଦୁ ହାଁସଦା, ଅର୍ଜୁନ ହାଁସଦା ଆଦି ୧୫ ଜଣଙ୍କ ନାମରେ ଗୋରୁମହିଷାଣୀ ଥାନାରେ ମାମଲା ରୁଜୁ କରାଯାଇଛି। ଜାମଦା ଥାନା ଅନ୍ତର୍ଗତ ବମ୍ବେ ଛକରେ ରାସ୍ତା ଅବରୋଧ ନେଇ ମାମଲା ରୁଜୁ କରାଯାଇଛି। ଘନଶ୍ୟାମ ପିଙ୍ଗୁଆ, ସିଙ୍ଗରାୟ ମୁର୍ମୁ, ମୋଟକା ବିରୁଆ, ଭଗବତ ପ୍ରସାଦ ମୁର୍ମୁ, ବାବୁଲ ବେହେରା, ଡୁକୁ ଟୁଡୁ ଆଦି ୧୨ ଜଣଙ୍କ ନାମରେ ଜାମଦା ଥାନାରେ ମାମଲା ରୁଜୁ କରାଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପାଟପୁରରେ ରାସ୍ତା ଅବରୋଧ ନେଇ ମାମଲା ରୁଜୁ ହୋଇଛି। ଦୁଲା ମାର୍ଣ୍ଡି, ଦିନୁ ବାସ୍କେ, ମୁନା ବିନ୍ଧାଣି, ଭାଦ ବାସ୍କେ ଆଦି ୧୨ରୁ ଅଧିକ ଲୋକଙ୍କ ନାମରେ ପୁଲିସ ପକ୍ଷରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଗୋଲେଇ ଛକରେ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ ନେଇ ମାମଲା ରୁଜୁ କରାଯାଇଛି। ଜିତେନ୍ଦ୍ର ନାଥ ହାଁସଦା, ସୁନୀଲ ମାଝୀ, ଶଙ୍କର୍ଷଣ ମୁର୍ମୁ, ସୂର୍ଯ୍ୟ ହେମ୍ବ୍ରମ, ରାମଚନ୍ଦ୍ର ସୋରେନ ଆଦି ସମେତ ୨୦/୩୦ ଜଣକ ନାମରେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି। ତିରିଂ ଥାନା ଅନ୍ତର୍ଗତ ତିରିଂ ଗେଟ, ଗିଧିଘାଟିରେ ରାସ୍ତା ଅବରୋଧ ଓ ବଡ଼ତାଳିମାରେ ଜାତୀୟ ରାଜପଥ ଅବରୋଧ ନେଇ ୩ଟି ପୃଥକ ମାମଲା ରୁଜୁ କରାଯାଇଛି। ଚରଣ ଟୁଡୁ, ମେଘରାୟ ମୁର୍ମୁ, ଜେମା ଶୁଣ୍ଡି, ରୋଜାବିନ ନାଏକ, ଇନ୍ଦ୍ର ପୂର୍ତ୍ତି ସମେତ ଅନ୍ୟାନ୍ୟ ୧୩ଜଣକ ନାମରେ ତିରିଂ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ଉକ୍ତ ସମସ୍ତ ମାମଲାକୁ ଥାନାରେ ରୁଜୁ କରି ତଦନ୍ତ ଜାରି ରହିଛି।

# ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ



ଆନନ୍ଦପୁର,୨୧।୩ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନାଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରି ଜେଲ ଯାଇଛି ଜଣେ ବିବାହିତ ଯୁବକ। ସ୍ଥାନୀୟ ଅଞ୍ଚଳର ଉକ୍ତ ଅଭିଯୁକ୍ତ ବିଷ୍ଣୁ ରାଉତ (୩୨) ଗତ ବୁଧବାର ରାତିରେ ସେହି ଗ୍ରାମର ଜଣେ ମାନସିକ ବିକୃତ ମାତ୍ର ୧୫ ବର୍ଷିୟ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ପରେ ପରିବାର ଲୋକ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପୁଲିସ ପକ୍ଷରୁ ପୀଡ଼ିତାର ଡାକ୍ତରୀ ମାଇନା କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଆନନ୍ଦପୁର ବଡ଼ଦାଣ୍ଡରେ ବାଦିପାଲା



ଆନନ୍ଦପୁର,୨୧।୩ (ସମିସ): ଆନନ୍ଦପୁର ବଡ଼ଦାଣ୍ଡଠାରେ ବାର୍ଷିକ ବାଦିପାଲା ମହୋତ୍ସବ ଆଜି ଉଦଘାଟିତ ହୋଇଛି। ଶ୍ରୀ ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା ପରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଯୋଗଦେଇଥିଲେ। ଏହି ସମାରୋହରେ ଗାୟକ ଅଜୟ କୁମାର ଦୀକ୍ଷିତ ଏବଂ ତ୍ରିନାଥ ପଣ୍ଡାଙ୍କ ମଧ୍ୟରେ ବାଦିପାଲା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶାନ୍ତନୁ କୁମାର ମିଶ୍ର, ଆଶିଷ କୁମାର ପଟ୍ଟନାୟକ, ସୁଦାମ ଚରଣ ମଙ୍ଗଳ, ଗୋପରଞ୍ଜନ ପାଣି, ଜ୍ୟୋତିରଞ୍ଜନ ଜେନା, ଉମାକାନ୍ତ ନାୟକ, ଲିଟୁଆ ଧଳ, ବନବିହାରୀ ଧଳ, ଜଗନ୍ନାଥ ହାତୀ ଓ ଛାବୁଲି ଧଳଙ୍କ ସମେତ ଅନେକ କର୍ମକର୍ତ୍ତାକାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଦି ପାଲା ଦ୍ୱାରା ବଡଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ପାରମ୍ପରିକ ଢଙ୍ଗରେ ସାହିତ୍ୟ ଓ ସଂସ୍କୃତିର ଏହି ଅପୂର୍ବ ସମନ୍ୱୟକୁ ଦେଖିବା ପାଇଁ ଆନନ୍ଦପୁରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି।

# ଜରୁରିକାଳୀନ ସ୍ଥିତି ପାଇଁ ଅତିରିକ୍ତ ତହସିଲଦାର

ହାଟଡ଼ିହୀ,୨୧।୩(ସମିସ): ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଥିବା ତହସିଲଦାର ଶିବବ୍ରତ ତ୍ରିପାଠୀଙ୍କ ଦେହ ଅସୁସ୍ଥ ଥିବାରୁ ଆଜକୁ ପ୍ରାୟ ଦୁଇମାସ ହେବ ସେ ଛୁଟିରେ ଅଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତ ଯୋଗୁଁ ଲୋକଙ୍କ ଜରୁରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏପରିକି ଅତିରିକ୍ତ ତହସିଲଦାରଙ୍କ ସ୍ଥାନ ମଧ୍ୟ ଖାଲି ପଡ଼ିଛି। ଏ ସମ୍ବନ୍ଧରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସ୍ଥାୟୀ ଭାବେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କ ସ୍ଥାନ ପୂରଣ ନହେବା ପର୍ଯ୍ୟନ୍ତ, କେନ୍ଦୁଝର ମୁଖ୍ୟାଳୟର ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ କୁମାର ସାମନ୍ତରାଙ୍କ ନିର୍ଦ୍ଦେଶକ୍ରମେ, ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ହାଟଡ଼ିହୀ ତହସିଲଦାର ଓ ବଡ଼ବିଲ ତହସିଲରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଜନସନ କିଣ୍ଡୋଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଘାଟିତ

ଖିଚିଂ, ୨୧।୩(ସମିସ): ମାନବ ହୃଦୟରେ ଧର୍ମ ପ୍ରତି ଅନୁରକ୍ତି ଓ ଈଶ୍ୱରଙ୍କ ପ୍ରତି ଭକ୍ତି ସଞ୍ଚାର କରିବାର ବଳିଷ୍ଠ ମାଧ୍ୟମ ହେଉଛି ଉତ୍କଳୀୟ ପାଲା। ପୁରାତନ କାଳରୁ ସମାଜରେ ଧର୍ମ ଧର୍ମ ଓ ସଂପ୍ରଦାୟ ସଂପ୍ରଦାୟ ଭିତରେ ସମନ୍ୱୟ ଓ ସଦଭାବନା ପ୍ରତିଷ୍ଠା କରିବାରେ ଏହାର



ଭୂମିକା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଏହି ମହତ ଆଭିମୁଖ୍ୟ ନେଇ ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ଓ ଆଧ୍ୟାତ୍ମିକ ପୀଠ ଖିଚିଂଠାରେ ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ବାର୍ଷିକ ପାଲା ସମ୍ମିଳନୀ କାର୍ଯକ୍ରମ ଉଦଘାଟିତ ହୋଇଛି। ଏ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀ ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଝାଡ଼ଖଣ୍ଡ ରାଜ୍ୟର ପରିବହନ ମନ୍ତ୍ରୀ ଦୀପକ ବିରୁଆ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ଶିବରାତ୍ରି ମେଳା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦ଟି ପାଲା ଦଳ ଦୁଇଦିନ ଧରି ପାଲା ପରିବେଷଣ କରିବା ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମର ସୁପରିଚାଳନାରେ ପାଲା ସଂଘ ସଭାପତି ଡ. ସୁଧାଂଶୁ ଶେଖର ଗିରି, ସମ୍ପାଦକ ଉମେଶ ଚନ୍ଦ୍ର ବେହେରା, ପାଲା ସଂସ୍କୃତିର ମୁଖ୍ୟ ପରାମର୍ଶଦାତା ସୁବାସ ଚନ୍ଦ୍ର ପଣ୍ଡା, ପୂଜକ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଇଞ୍ଜିନିୟର ସୁଶାନ୍ତ କୁମାର ନାଏକ, ମେଳା କମିଟିର ସଭାପତି ମନ୍ମଥ କୁମାର ନାଏକ, ପରେଶ ନାଏକ, କର୍ମୁ ନାଏକ, ଶେଖର ନାଏକ ଓ ଅଭିଷେକ ପାଣିଗ୍ରାହୀ, ଭରତ ଧଳ, ପ୍ରମୋଦ ପାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ଥଣ୍ଡା ବୋତଲରେ ଦେଶୀମଦ

# ଉଦଳାରୁ ଭୁବନେଶ୍ୱର ଚାଲାଣ ବେଳେ ବସ୍‌ଷ୍ଟାଣ୍ଡରୁ ଜବତ

ଉଦଳା, ୨୧।୩ (ସମିସ): ଥଣ୍ଡା ବୋତଲରେ ଦେଶୀମଦ ଚାଲାଣ ହେଉଥିବାବେଳେ ଜବତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ବସ୍‌ଷ୍ଟାଣ୍ଡ ନିକଟରେ ଘଟିଛି ଏଭଳି ଘଟଣା।





## ନାବାଳକ ଅଟକ,୨ ଫେରାର

ଦାମୀ ଦାମୀ ବ୍ୟାଗ ଓ ଚିହ୍ନିବା ପାଇଁ ବ୍ୟାଗ ଉପରେ ଦିଆଯାଇଥାଏ କୋର୍ଡ। ବ୍ୟାଗ ଭିତରେ ରଖାଯାଇଛି ଦେଶୀ ମଦ। ମଦ ଏଭଳି ଭାବେ ରଖାଯାଇଛି ଯେ ଦେଖିଲେ ବି ବିଶ୍ୱାସ କରିପାରିବେନାହିଁ। ଥଣ୍ଡା ବୋତଲରେ ଦେଶୀ ମଦ ଭର୍ତ୍ତି କରାଯାଇ ମଦ ଚାଲାଣ କରୁଛନ୍ତି ନାବାଳକ। ଉଦଳା ପୁଲିସ ବସ୍‌ଷ୍ଟାଣ୍ଡରେ ଚଢ଼ଉ କରି ଭୁବନେଶ୍ୱର ଯାଉଥିବା ରାଜାବାବୁ ନାମକ ଏକ ଘରୋଇ ବସ୍‌ରୁ ଦେଶୀ ମଦ ଜବତ କରିବା ପରେ ଖୋଲିଛି ମଦ ଚାଲାଣର ରହସ୍ୟ। ବସ୍‌ରେ ମଦ ନେଇ ଯାଉଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଫେରାର ହୋଇଯାଇଛନ୍ତି। ଅନ୍ୟ ଜଣେ ନାବାଳକକୁ ପୁଲିସ ଅଟକ ରଖିଛି। ଉଦଳା ଥାନା ଅନ୍ତର୍ଗତ ପାଟଶାଣିପୁର ଅଞ୍ଚଳରୁ ଦେଶୀ ମଦ ବ୍ୟବହୃତ ହୋଇସାରିଥିବା ପ୍ଲାଷ୍ଟିକ ଥଣ୍ଡା ବୋତଲରେ ପୂରାଇ ତାହାକୁ ଚାଲାଣ କରାଯାଉଥିଲା। ଥଣ୍ଡା ବୋତଲଗୁଡିକୁ ବ୍ୟାଗରେ ଭର୍ତ୍ତି କରି ଜଣେ ଯାତ୍ରୀଙ୍କ ଭଳି ବସରେ ଚଢ଼ିଥିଲେ ନାବାଳକ ଓ ତାଙ୍କର ଦୁଇ ସାଥି। ପାଟଶାଣିପୁରରୁ ଭୁବନେଶ୍ୱର ସାଲିଆସାହି ଏହି ମଦ ଯାଉଥିବା ସୂଚନା ପୁଲିସ ପାଇବା ପରେ ବସ୍‌ରୁ ୩ଟି ବ୍ୟାଗ ଜବତ କରିଥିବାବେଳେ ୩୪ଟି ଦେଶୀ ମଦ ଭର୍ତ୍ତି ଥଣ୍ଡା ବୋତଲ ପୁଲିସ ଜବତ କରିଛି। ଜବତ ବ୍ୟାଗ୍ ଚିହ୍ନଟ ପାଇଁ ତାହା ଉପରେ ଚିହ୍ନ ମଧ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ନିଖୋଜ

ବାରିପଦା, ୨୧।୩(ସମିସ):ଅନ୍ୟଏକ ଘଟଣାରେ ବେତନଟୀ ଥାନା ତଥା ବାରିପଦା ବ୍ଲକ ଅଧୀନ ବଡଯୋଡ଼ ମଧୁଙ୍ଗରାଜୀ ବିଦ୍ୟାଳୟର ଜଣେଅଷ୍ଟମଶ୍ରେଣୀଛାତ୍ରୀ (୧୪) ବୁଧବାରଦିନଠାରୁନିଖୋଜଅଛନ୍ତି। ଏ ନେଇ ଛାତ୍ରୀଙ୍କ ଅଭିଭାବକ କୃଷ୍ଣଚନ୍ଦ୍ର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ବାପା ଅନ୍ୟତ୍ର କାମ କରିବାକୁ ଯାଇଥିବାବେଳେ ମା’ ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ଦ୍ୱିପ୍ରହରରେ ଘରକୁ ଫେରିବା ବେଳେ ଝିଅ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ଚାରିଆଡେ ଖୋଜାଖୋଜି କରି ନ ପାଇବାରୁ ଗୁରୁବାର ପୁଲିସ ପାଖରେ ଅଭିଯୋଗ କରିଥିଲେ। ତେବେ ନିଖୋଜର ୪ ଦିନ ବିତିଥିଲେ ହେଁ କୌଣସି ପତ୍ତା ମିଳିନାହିଁ। ପରିବାର ଲୋକ ସଂଶୟମଧ୍ୟରେ ରହିଛନ୍ତି।

# ଗାଡ଼ି ଯାଞ୍ଚ ବେଳେ ଡମ୍ଫର ଓ ତିନି ବାଇକ୍ ଜବତ

ମହୁଲଡିହା,୨୧।୩(ସମିସ): ମହୁଲଡିହା ଥାନା ଚିଆଁବେଡା ଛକରେ ୨୦ ତାରିଖ ସନ୍ଧ୍ୟା ସମୟରେ ଯାନବାହନ ଯାଞ୍ଚ କରି ଗୋଟିଏ ଡମ୍ଫର ଓ ତିନିଟି ବାଇକ ଜବତ କରିଛି ପୁଲିସ। ବର୍ଷା ଲାଗି ରହିଥିବାରୁ ଅଳ୍ପ ସମୟ ପୁଲିସ ଓ ପରିବହନ ବିଭାଗ ଗାଡ଼ିର କାଗଜ ପତ୍ର, ସିଟବେଲ୍ଟ ଓ ହେଲମେଟ ଯାଞ୍ଚ କରିବା ସହ ମଦୁଆଙ୍କୁ ଚୁଙ୍ଗା ଫୁଙ୍କା କରାଇଥିଲେ। ମାତ୍ର ୪ ଜଣ ମଦ୍ୟପ ଚାଳକ ଚୁଙ୍ଗା ଫୁଙ୍କି ପାରି ନ ଥିଲେ। ମଦ ନିଶାରେ ଗାଡ଼ି ଚଳାଇବା ଅଭିଯୋଗରେ ଡମ୍ଫର ଓ ତିନୋଟି ବାଇକ ଜବତ କରି ୪ ଜଣ ଚାଳକଙ୍କ ନାମରେ କେଶ ରୁଜୁ ହୋଇଥିବା ଥାନା ଅଧିକାରୀ ତୁଷାର ନାୟକଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ଯାଞ୍ଚ ପ୍ରକ୍ରିୟାରେ ପରିବହନ ବିଭାଗ ଅଧିକାରୀଙ୍କ ସହ ମହୁଲଡିହା ଥାନା ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# କଂଗ୍ରେସ ସଂଗଠକଙ୍କ ପରଲୋକ



ଆନନ୍ଦପୁର, ୨୧।୩ (ସମିସ): ଘସିପୁରା ବ୍ଲକ ଦେଓଗାଁର କଂଗ୍ରେସ ସଂଗଠକ ମଳୟ ପାଣିଗ୍ରାହୀ (୫୪)ଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁଁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ବେଳେ ଗତକାଲି ରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ଆଜି ମୃତଦେହ ଏଠାକୁ ଅଣାଯିବା ପରେ କୁଶେଇ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରଲୋକ ଖବର ପାଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆଜି ଅପରାହ୍ନରେ ଦେଓଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଦେଓଗାଁର ନାଏବ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଦେଓଗାଁରେ ଶୋକ ପ୍ରକାଶ ପାଇଛି।

# ତରିମୂଳରେ ମା’ମଙ୍ଗଳା ଆନ୍ତଃରାଜ୍ୟ ଦିବାରାତ୍ର କ୍ରିକେଟ



ଆନନ୍ଦପୁର,୨୧।୩ (ସମିସ): ଘସିପୁରା ବ୍ଲକ ତରିମୂଳ ମା’ମଙ୍ଗଳା କ୍ରିକେଟ୍ କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଛି ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଘସିପୁରା ବିଡିଓ ବିନିତା ବିଜୟିନୀ, ସ୍ୱତନ୍ତ୍ର ଅତିଥିଭାବେ କଳିଙ୍ଗ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଡ.ଆଲୋକାଣ୍ଡାର ଦାସ, ସମ୍ମାନିତ ଅତିଥି ଭାବେ ଆଶାଘର ଫାଉଣ୍ଡେସନର ଅଧ୍ୟକ୍ଷ ଆଶିଷକୁମାର ଦାସ, ଶିକ୍ଷକ ଦିଲ୍ଲୀପକୁମାର ରାଉତ ଯୋଗ ଦେଇଥିଲେ। ମୋଟ ୧୬ଟି କ୍ରିକେଟ ଟିମ୍ କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୦ରୁ ଆରମ୍ଭ ହୋଇ ୨୨ ରବିବାର ଉଦଯାପନ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସ୍ଥିର ହୋଇଛି। ଫ୍ଲଡଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର କ୍ରୀଡ଼ାପ୍ରେମୀ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭରପୁର ମଜା ଉଠାଉଥିବା ଦେଖିବାକୁ ମିଳୁଛି।

## ମୋରଡ଼ାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ପ୍ରଧାନଶିକ୍ଷକ ବିନା ଛୁଟିରେ ଅନୁପସ୍ଥିତ; ପାଠପଢ଼ା ବାଧାପ୍ରାପ୍ତ

ମୋରଡ଼ା,୨୧।୩(ସମିସ):

ମୋରଡା ବ୍ଲକ ଅଧୀନ ନୁହାଝାଳିଆ ପଞ୍ଚାୟତ ଓ ପଡ଼ୋଶୀ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଧିରେଇଡ଼ିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନା ଛୁଟିରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଦୁଇଜଣ ଶିକ୍ଷକ ରହିଛନ୍ତି। ତେବେ ସେହି ସ୍ଥାନରେ କୌଣସି ମୋବାଇଲ ନେଟୱର୍କ ନ ଥିବାରୁ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡ଼ୁନାହିଁ। ଯାହାଫଳରେ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ମନଇଚ୍ଛା ବିଦ୍ୟାଳୟକୁ ଆସନ୍ତି, ଇଚ୍ଛା ନ ହେଲେ ବିଦ୍ୟାଳୟକୁ ଆସନ୍ତିନାହିଁ ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ତେବେ ଗୁରୁବାର ପ୍ରଧାନଶିକ୍ଷକ ଛୁଟି ନ ନେଇ ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି। ଯାହାକୁ ନେଇ ବ୍ଲକ ଶିକ୍ଷାଧିକାରୀ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ସୀମାନ୍ତରେ ଥିବା ସ୍କୁଲ ଉପରେ ପଡୁନି କାହାର ଦୃଷ୍ଟି
● ସବୁ ଜାଣି ସୁରକ୍ଷା ଦେଉଛନ୍ତି ସିଆରସିସି
● ପ୍ରଧାନଶିକ୍ଷକ ଓ ସିଆରସିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ତେବେ ଖୁଣ୍ଟାପାଳ କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ସବୁ ଜାଣି ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ସିଆରସିସିଙ୍କୁ ଫୋନ କରି ବିଦ୍ୟାଳୟରେ ଅନୁପସ୍ଥିତ ରହିବା କଥା କହିଛନ୍ତି। ଯାହାକି ନିୟମ ନୁହେଁ ବୋଲି ମଧ୍ୟ ସ୍ୱୀକାର କରିଛନ୍ତି। ସେହିପରି ସିଆରସିସିଙ୍କୁ ଏସମ୍ପର୍କରେ ଆମେ ପଚାରିବାରୁ ସେ କହିଛନ୍ତି, ଶିକ୍ଷକ ଜଣକ ଫୋନ କରି କହିଥିଲେ। କିନ୍ତୁ ସେ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ବିଇଓ କିମ୍ବା ଏବିଇଓଙ୍କୁ ଦେବାକୁ କହିଥିଲେ। କିନ୍ତୁ ଶିକ୍ଷକ ଜଣକ ତାହା ନ କରି ବିନା ଛୁଟି ଅନୁମୋଦନରେ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିଲେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଶିକ୍ଷକ ଅନୁପସ୍ଥିତ ଥିବା ସମ୍ପର୍କରେ ସିଆରସିସି ମଧ୍ୟ ବିଇଓ କିମ୍ବା ଏବିଇଓଙ୍କୁ ସୂଚନା ଦେଇ ନ ଥିବା ସ୍ୱୀକାର କରିଛନ୍ତି। ଏ ନେଇ ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ବିଇଓ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରିବା ସହ କାରଣ ଦର୍ଶାଅ ନୋଟିସ କରିବେ। ଦାୟିତ୍ୱରେ ଅବହେଳା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ବାହ୍ୟ ମଳମୁକ୍ତ ଅଞ୍ଚଳ ଭେଳିକି

# ନିମ୍ନମାନର କାମ ଯୋଗୁଁ ପାଇଖାନା ଫାଟି ଆଁ

- ରଖାଯାଉଛି ଜାଳେଣି କାଠ
- ବାହାରକୁ ଶୌଚ ହେବାକୁ ଯାଉଛନ୍ତି ଗାଁ ଲୋକ



କଳାବାଡିଆ, ୨୧।୩(ସମିସ): ଜଳ ଓ ପରିମଳ ବିଭାଗ ଦ୍ୱାରା ବାଙ୍ଗିରିପୋଷି ବ୍ଲକର ୧୯ଟି ପଞ୍ଚାୟତର ଗାଁମାନଙ୍କରେ ବାହ୍ୟ ମଳମୁକ୍ତ ଅଞ୍ଚଳ ଲେଖାଯାଇଛି। ସରକାରୀ କାଗଜପତ୍ରରେ ଏବେ ପାଇଖାନା ବଞ୍ଚିଛି। ପ୍ରକୃତ ପକ୍ଷେ ନିର୍ମାଣ ହୋଇଥିବା ଅଧିକାଂଶ ପାଇଖାନା ଫାଟି ଆଁ କଲାଣି ତ କେଉଁଠି କୁକୁଡ଼ା ନ ହେଲେ ଜାଳେଣି କାଠ ରହିଲାଣି, ଅଥବା ମାଟିରେ ମିଶି ସାରିଲାଣି। ପୂର୍ବଭଳି ଗ୍ରାମର ଲୋକ ବାହାରକୁ ଶୌଚ ହେବାକୁ ଯାଉଛନ୍ତି।

ସରକାର ପ୍ରତ୍ୟେକ ପରିବାରକୁ ୧୨ ହଜାର ମୂଲ୍ୟରେ ଚାରୋଟି ନନ୍ଦ, ଏକ ଘର, ପ୍ୟାନ୍ ବସିବା ବ୍ୟବସ୍ଥା କରିଥିଲେ। ହିତାଧିକାରୀ ନିଜେ ନିର୍ମାଣ କରି ନ ପାରି ଅନଭିଜ୍ଞ ଠିକାଦାରଙ୍କ ଶରଣ ପସିଥିଲେ। ଠିକାଦାର ନିମ୍ନମାନର କାମ କରି ହିତାଧିକାରୀଙ୍କୁ ଠକିଲା। ଦିନ କେଇଟା ପରେ ପାଇଖାନା କାନ୍ଥ ଫାଟି ଆଁ। ନିଜକୁ ସୁରକ୍ଷିତ ମଣିଲେ ନାହିଁ ପରିବାର। ଏ ପଟେ ନିର୍ମାଣର ଗୋଟିଏ ବର୍ଷ ପରେ ଗାଁ ପରିବେଶ ପୂରା ଅଲଗା। କେଉଁଠି ପାଇଖାନା କାନ୍ଥ ଫାଟି ଗଲାଣି ତ କେଉଁଠି କୁକୁଡା ଘର, ନଡ଼ା ରଖାଗଲାଣି। ଶୌଚାଳୟର କବାଟ ଓ ଛପର ନାହିଁ। ଗ୍ରାମର ମହିଳା ଓ ପୁରୁଷ ଦଳ ବାନ୍ଧି ପଦାକୁ ଶୌଚ ହେବାକୁ ଯାଉଛନ୍ତି। ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତର ୧୩ଟି ଗାଁକୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ୧୫୦୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ହୋଇଥିଲା। ଏବେ ଖୋଜିଲେ ୧୦୦ଟି ଭଲ ଶୌଚାଳୟ ମିଳିପାରେ। ନିମ୍ନମାନର କାର୍ଯ୍ୟ ପାଇଁ ଆଉ ବ୍ୟବହାର ଉପଯୋଗୀ ନାହିଁ ବୋଲି ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ବାଧ ହୋଇ ଜନସାଧାରଣ ପୂର୍ବ ଅବସ୍ଥାକୁ ଫେରି ଆସୁଛନ୍ତି। ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ। ଶୌଚାଳୟ ସହିତ ପାଣିକୁ ପ୍ରାଧାନ୍ୟ ଦେଲେ ସରକାରଙ୍କ ଯୋଜନା ଫଳପ୍ରଦ ହୁଅନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କ ଜୟନ୍ତୀ



ବେତନଟୀ, ୨୧।୩ (ସମିସ): ସୁନାମ ଧନ୍ୟ ଝୁମର ବିଶାରଦ, ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କ ୮୬ତମ ଜୟନ୍ତୀ ଜୟନ୍ତୀ ପାଳନ କମିଟି ପକ୍ଷରୁ ପାଳନ କରାଯାଇଛି। ଲାଲମୋହନ ମହାନ୍ତଙ୍କ ଦେଶ ପ୍ରେମ, ସମାଜ ସେବା ଓ ଝୁମର ଜଗତ ପ୍ରତି ଅବଦାନ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ରେଣୁଗାଁସ୍ଥ ଲାଲମୋହନ ମହାନ୍ତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ଆବାହକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସିଭିଲ ସୋସାଇଟିର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଲେ, ଲାଲମୋହନ ମହାନ୍ତଙ୍କ ବହୁମୁଖୀ ପ୍ରତିଭାରେ ମୁଗ୍ଧ ହୋଇ ସିଭିଲସୋସାଇଟି ପକ୍ଷରୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ଲକ୍ଷ୍ମୀଧର ବାରିକ, କୁଡୁମାଲୀ କାଲ ଚୁରାଲ ଆସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମର ସଭାପତି ଆଶୁ କବି ବାସୁଦେବ ନାପିତ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ବିଶ୍ୱ ଜାଗରଣ ଝୁମର ପ୍ରତିଷ୍ଠାନର ସମ୍ପାଦକ ଚକ୍ରଧର ମହାନ୍ତ, ଝୁମର ଗୁରୁ କ୍ଷୀରୋଦ ମହାନ୍ତ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅବସରପ୍ରାପ୍ତ ଫୋରମ୍ୟାନ ଚୁନୁରାମ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜୟନ୍ତୀ କମିଟି ସଂଯୋଜକ ପ୍ରଭାତ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଝୁମର ଗାୟିକା ରିତାରାଣୀ ମହାନ୍ତ ଲାଲମୋହନ ମହାନ୍ତଙ୍କ ରଚିତ ଝୁମର ଗୀତ ପରିବେଷଣ କରିଥିଲେ। ଡକ୍ଟର ରମାକାନ୍ତ ମହାନ୍ତ କହିଲେ, ୧୯୭୫ରେ ଜରୁରିକାଳୀନ ପରିସ୍ଥିତିରେ ତତ୍କାଳୀନ ସରକାର ଯାହାଙ୍କୁ ୨ ବର୍ଷ କାରାଗାରରେ ବନ୍ଦୀ କରି ରଖିଥିଲେ, ୫୦ ବର୍ଷ ପରେ ତାଙ୍କୁ ଭାରତ ସରକାର ମାସକୁ କୋଡିଏ ହଜାର ଟଙ୍କା ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରିବା ଏକ ସ୍ମରଣୀୟ ଘଟଣା। ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଝୁମର ନୃତ୍ୟ ଶିଳ୍ପୀ ନିହାରିକା ମହାନ୍ତଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଜଳ ଅର୍ପଣ ଦିବସ

# ଜଳର ସଦୁପଯୋଗ କରିବାକୁ ପରାମର୍ଶ



ମୋରଡ଼ା, ୨୧।୩(ସମିସ): ମୋରଡା ବ୍ଲକ ଅଧୀନ ଧଡ଼ାସାହି ଗ୍ରାମରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି। ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଧଡ଼ାସାହି ସରପଞ୍ଚ ତିଳକା ହାଁସଦା, ସମିତି ସଭ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାଏକ, ସିଡିଓ ଧର୍ମାନନ୍ଦ ବେହେରା, ବିଡିଓ ଅଣାକର ନାଏକ, ଅବସରପ୍ରାପ୍ତ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଜଳର ସଦୁପଯୋଗ କରିବା, ଜଳ ସୁରକ୍ଷା କରିବା ଆମର ନୈତିକ କର୍ତ୍ତବ୍ୟ। ଓଡ଼ିଶାର ପ୍ରତିଟି ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେ ନେଇ ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମନ୍ତ୍ରୀ ମହାପାତ୍ର କହିଥିଲେ। ନୂତନ ଭାବେ ଗଠିତ ହୋଇଥିବା ଚିତ୍ରଡା ଓ ରାସଗୋବିନ୍ଦପୁର ଏନଏସି ଏବଂ ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକର ଜନସାଧାରଣ କିପରି ପାଣି ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ, ସେ ନେଇ ବଡ଼ ଯୋଜନା କାର୍ଯ୍ୟକାରୀ ହେବ। ଭଡରାନଣ୍ଡା ନିକଟରେ ଏକ ବ୍ୟାରେଜ ନିର୍ମାଣ ହେବ ଯାହାର ସର୍ଭେ କାର୍ଯ୍ୟ ସରିଛି। ଡିପିଆର ପ୍ରସ୍ତୁତି ଚାଲୁଛି ବୋଲି ମତ ରଖିଥିଲେ ମନ୍ତ୍ରୀ। ନୂତନ ଭାବେ ନିର୍ମାଣ ହୋଇଥିବା ଏକ ପମ୍ପ ଗୃହକୁ ମନ୍ତ୍ରୀ ଫିତା କାଟି ଉଦଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି, ମାର୍କଣ୍ଡ ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱ ପଖାଳ ପରବ

ବାରିପଦା, ୨୧।୩(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ବିଶ୍ୱ ପଖାଳ ପରବ ପାଳନ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରାବାସରେ ରହୁଥିବା ଗ୍ରୀଷ୍ମ ଅବକାଶକାଳୀନ କୋର୍ସର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ



ଅଧ୍ୟକ୍ଷ ସୁନୀଲ ଜେନା ପ୍ରମୁଖ ଉପସ୍ଥିତ ରହି ପଖାଳ ପରବ ପାଳନ କରିଥିଲେ। ପରେ ସମସ୍ତ ଅତିଥି ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସହ ପଖାଳର ମଜା ନେଇଥିଲେ। ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଶିକ୍ଷକ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷା ଦେବଶ୍ରୀତା ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



ବାରିପଦା, ୨୧।୩(ସମିସ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ମତ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁଲି କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ। ଏଥିସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ। ଏ ଅବସରରେ ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ତର୍କ ପ୍ରତିଯୋଗିତାରେ ସଫଳ ପ୍ରବୀଣ ପ୍ରଧାନ (ପ୍ରଥମ), ଜ୍ୟୋତିପ୍ରକାଶ ଶତପଥୀ (୨ୟ), ଶୁଭସ୍ମିତା ମହାନ୍ତ (୩ୟ), ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା (୨ୟ), ସ୍ୱର୍ଣ୍ଣପ୍ରଭା ବେହେରା(୩ୟ)ଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଏମ୍‌ପିସି ସ୍ୱୟଂଶାସିତ କଲେଜ ହିନ୍ଦୀ ବିଭାଗ ଆଲୋଚନାଚକ୍ର



ବାରିପଦା, ୨୧।୩(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହିନ୍ଦୀ ବିଭାଗ ପକ୍ଷରୁ 'ପ୍ରଗତିବାଦୀ କାବ୍ୟଧାରା ମେଁ ସର୍ବହରା ବର୍ଗ କି ସଂଘର୍ଷ' ଶୀର୍ଷକ ଦ୍ୱିଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଆଲୋଚକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ଡ. ଅଭିଷେକ ଶର୍ମା ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ବିଶଦ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଦୁର୍ଗାବତୀ ହାଁସଦା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଭିମୁଖ୍ୟ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଅତିଥି ଅଧ୍ୟାପିକା ଅନୁଜା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ କୃଷ୍ଣ ସିଂ ଅନ୍ୟତମ ଆଲୋଚକ ଭାବେ ନିଜର ଅଭିବ୍ୟକ୍ତି ରଖିଥିଲେ। ଅତିଥି ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସାଇ ନର୍ସିଂହୋମ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାରିପଦା, ୨୧।୩(ସମିସ): ବାରିପଦା ସହରର ଅଗ୍ରଣୀ ସାଇ ନର୍ସିଂହୋମ ପକ୍ଷରୁ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଇ ନର୍ସିଂହୋମର ଦୁଇଜଣ ଡାକ୍ତର ଦୀପିକା ଆଚାର୍ଯ୍ୟ ଓ ଡାକ୍ତର ଐଶ୍ୱର୍ଯ୍ୟରାଜ ପତି ୭ ଜଣିଆ ଡାକ୍ତରୀ ଟିମ୍ ସହାୟତାରେ ସ୍ୱେଚ୍ଛାସେବୀ ଓ ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ପତି ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ବାରିପଦାର ସାଇ ନର୍ସିଂହୋମ ପକ୍ଷରୁ ବର୍ଷବର୍ଷ ଧରି ଅନେକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଥିବାବେଳେ ଆଗାମୀ ଦିନରେ ଜିଲ୍ଲାର କୋଣ ଅନୁକୋଣରେ ଏଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଜନସାଧାରଣ କିଭଳି ସମ୍ପୂର୍ଣ୍ଣ ମାଗଣାରେ ସେବା ପାଇପାରିବେ, ସେ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡାକ୍ତର ପତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡା ସୁବ୍ରତ ପାତ୍ର, ଡା ସ୍ମିତା ଦାଶ, ଡା ଅଞ୍ଜଳି ପଣ୍ଡା, ଡା ସଂଯୁକ୍ତାରାଣୀ ସୁର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଇଂରାଜୀ ବିଭାଗର ବାର୍ଷିକ ଆଲୋଚନାଚକ୍ର

ବାରିପଦା, ୨୧।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବାର୍ଷିକ ଆଲୋଚନାଚକ୍ର ଡ ପ୍ରବୋଧ ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗ ପ୍ରାଧ୍ୟାପକ ଡ ଯତୀନ କୁମାର ମହାକୁଡ଼ 'ରେଡିକାଲ ଫେମିନିଜିମ୍ ଭର୍ସେସ ଇଣ୍ଡିଆନ ଫେମିନିଜିମ' ସନ୍ଦର୍ଭ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ସଞ୍ଜୀବ କୁମାର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଶ୍ରୀ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ବର୍ଷ ଛାତ୍ର ଦେବାଂଶୁ ଦେବାଶିଷ ନାୟକ ଓ ଛାତ୍ରୀ ମନୀଷା ମହାପାତ୍ର ନିଜ ନିଜ ମନ୍ତବ୍ୟ ରଖିଥିଲେ।





# କଣ୍ଢେଇ ଦିବସ ପାଳିତ

ରାଇରଙ୍ଗପୁର, ୨୧।୩(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ମଣ୍ଡଳ ଓ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ବାରିକ ଯୋଗଦେଇ ଉଦଘାଟନ କରି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଏହା ଏକ ପ୍ରାଚୀନ କଳା ପରମ୍ପରା ଅଟେ। ଯାହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଛି। ବିଭିନ୍ନ ପ୍ରକାର କଣ୍ଢେଇ ପ୍ରଦର୍ଶନୀ କରିବା ସହିତ ଶିଶୁଙ୍କୁ କଣ୍ଢେଇ ସମ୍ପର୍କରେ ପରିଚୟ କରାଯାଇଥିଲା। ଉକ୍ତ ଦିବସ ମହତ୍ତ୍ୱ ନେଇ ଶିଶୁଙ୍କ ମଧ୍ୟରେ ଆଲୋଚନା କରିଥିଲେ। ପରେ ଶିଶୁଙ୍କ ଦ୍ୱାରା କଣ୍ଢେଇ ଗୀତରେ ନାଚ ପରିବେଷଣ କରାଯାଇଥିଲା।



# ଦାନ୍ତିଆମୁହାଁ ହାଇସ୍କୁଲରେ 'ୱେଷ୍ଟ ଟୁ ୱେଲ୍‌ଥ' କାର୍ଯ୍ୟକ୍ରମ

ବେତନଟୀ, ୨୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ହାଇସ୍କୁଲରେ ଇକୋ କ୍ଲବ ଓ ଶକ୍ତି କ୍ଲବ୍ ଉଦ୍ୟମରେ 'ସବୁଜାୟନ ଓ ଶକ୍ତି ସଂକଳ୍ପ' ଅଭିଯାନ ଅନ୍ତର୍ଗତ 'ୱେଷ୍ଟ ଟୁ ୱେଲ୍‌ଥ' କାର୍ଯ୍ୟକ୍ରମ ଗୁରୁବାର ସଫଳତାର ସହିତ ଆୟୋଜିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବିକାଶ ସହିତ ଜୀବନ ଜୀବିକାର ବ୍ୟବହାରିକ ଜ୍ଞାନ ଦେବାକୁ ଲକ୍ଷ୍ୟ କରି ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ କବିତା ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରାର୍ଥନା ମିଶ୍ର 'ୱେଷ୍ଟ ଟୁ ୱେଲ୍‌ଥ' ଅଭିଯାନର ଦାୟିତ୍ୱ ନେଇ ଛାତ୍ରଛାତ୍ରୀଙ୍କୁ ସାତଟି ଦଳରେ ବିଭକ୍ତ କରିଥିଲେ। ସେମାନଙ୍କୁ ଘରୋଇ ଜୀବନରେ ବ୍ୟବହୃତ ହୋଇ ପରେ ବର୍ଜ୍ୟ ରୂପେ ବାହାରୁଥିବା ପ୍ଲାଷ୍ଟିକ, କାର୍ଡବୋର୍ଡ, ପୁରୁଣା କପଡ଼ା, ଅଖାବସ୍ତା, ଥର୍ମୋକୋଲ ପ୍ଲେଟ, ତାଳପତ୍ର, କାଗଜ, ଅଣ୍ଡା ପେଟି ଓ ଅବ୍ୟବହୃତ ମୋଜା ଇତ୍ୟାଦିକୁ ପୁନର୍ବ୍ୟବହାର କରି କିପରି ଉପଯୋଗୀ ଓ ଆକର୍ଷଣୀୟ ସାମଗ୍ରୀ ତିଆରି କରିହେବ, ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରୟାସରେ ଛାତ୍ରଛାତ୍ରୀ ପେନ୍‌ଷ୍ଟାଣ୍ଡ, ଘର କାନ୍ଥରେ ଟାଙ୍ଗିବା ପାଇଁ ଶୋଭାବର୍ଦ୍ଧକ କଳାକୃତି, କପଡ଼ା ବ୍ୟାଗ, ତକିଆ, କୁସନ ଓ ଆସନ ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି ସମସ୍ତ ସାମଗ୍ରୀକୁ ନିକଟସ୍ଥ ସାପ୍ତାହିକ ହାଟରେ ବିକ୍ରୟ କରି ଛାତ୍ରଛାତ୍ରୀ ଆର୍ଥିକ ସ୍ୱାଧୀନତା ଓ ଜୀବିକା ନିର୍ବାହର ପ୍ରାୟୋଗିକ ଅନୁଭବ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅମୀୟ ପଣ୍ଡା, ଅଭିଷେକ ଆଚାର୍ଯ୍ୟ, ଶେଖ ସିରାଜୁଦ୍ଦିନ ଓ ସହକାରୀ ଶିକ୍ଷୟିତ୍ରୀ ସନ୍ତୋଷୀ ପ୍ରିୟଦର୍ଶିନୀ, ସୁଜାତାରାଣୀ ଦାସ, ନୀତୁ ବାଲା, ଅଣଶିକ୍ଷା କର୍ମଚାରୀ ଦୀପକ ମହାନ୍ତ, ସଂଘମିତ୍ରା ଧଳ ଓ ଅମୂଲ୍ୟ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।





ତାଳ ପୋଖରୀ ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ଼ ଘଟଣା

# ନ୍ୟାୟ ପାଇଁ ଥାନାରେ ଅଭିଯୋଗ କଲେ ବାପା

କପ୍ତିପଦା, ୨୧।୩(ସମିସ): ସ୍ଥାନୀୟ ତାଳ ପୋଖରୀ ଉଚ୍ଚବିଦ୍ୟାଳୟରେ ଗତ ୧୬ ତାରିଖରେ ବାର୍ଷିକ ପରୀକ୍ଷା ସମୟରେ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିବା ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳଙ୍କ ବିରୋଧରେ ଛାତ୍ର ଶୁଭଙ୍କର ବେହେରାଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି। ଶୁଭଙ୍କର ବେହେରା (୧୫) ତାଳ ପୋଖରୀ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ୧୬ ତାରିଖ ଦିନ ବାର୍ଷିକ ପରୀକ୍ଷା ସମୟରେ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଯାହାକି ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ଶୁଭଙ୍କର ଘରେ କବାଟ ବନ୍ଦକରି ରହିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ମୂର୍ଚ୍ଛିତ ଅବସ୍ଥାରେ ଉଦ୍ଧାର କରି କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପିଏମଆର ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସେ ୨ଦିନ ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ ମଧ ମାନସିକ ସ୍ତରରେ ସୁସ୍ଥ ନାହାନ୍ତି। ଗୋଟିଏ ଦିନର ପରୀକ୍ଷା ତାଙ୍କୁ ଗୋଟିଏ ବର୍ଷର ଅପେକ୍ଷା କରିବାକୁ ପଡ଼ିବ। ନିଜର ସହପାଠୀ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିବାବେଳେ ସେ ନବମୀରେ ଆଉ ଗୋଟାଏ ବର୍ଷ ରହିବେ। ଶାରିରୀକ ଓ ମାନସିକ ସ୍ତରରେ ସେ ଅସୁସ୍ଥ ହେବାରେ ଲାଗିଥିବାରୁ ବାପା ପଦ୍ମଲୋଚନ ବେହେରା ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଖବର ପ୍ରସାରଣ ପରେ ୧୭ ତାରିଖରେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର, ବିଇଓ ମନମୋହନ ହେମ୍ବ୍ରମ, ଘନଶ୍ୟାମ ସିଂ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ମାତ୍ର ଦୋଷୀଙ୍କ ବିରୋଧରେ କୌଣସି ଠୋସ ପ୍ରମାଣ ମିଳି ନ ଥିଲା। ପିଲାକୁ ମାଡ଼ ମାରିବା କଥା ମିଛ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସହକାରୀ ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ମୁଁ ଜଣେ ଦିନମଜୁରିଆ ଲୋକ ବୋଲି ପ୍ରକୃତ ସତ୍ୟକୁ ବିଦ୍ୟାଳୟ ପକ୍ଷରୁ ଚାପି ଦିଆଯାଉଛି। ଏ ପଟେ ମୋ ପିଲାର ମାନସିକ ସନ୍ତୁଳନ ବିଗିଡିବାରେ ଲାଗିଛି। ବିଦ୍ୟାଳୟର ଚେୟାରମ୍ୟାନ ମୋତେ ଧମକ ଦେଇ କଥା ଆଗକୁ ନ ବଢ଼ାଇବାକୁ କହିବା କ'ଣ ମିଛ। ସରକାରୀ ନିୟମରେ ଦଣ୍ଡମୁକ୍ତ ଶିକ୍ଷାର ଡିଡିମ୍ବ ବାଜୁଥିବାବେଳେ ମୋ ପିଲାକୁ ମାଡ଼ ମାରି ତା' ଜୀବନକୁ ବରବାଦ କରିଥିବା ଶିକ୍ଷୟିତ୍ରୀଙ୍କୁ କଠିନ ଦଣ୍ଡ ବିଧାନ କରାଯିବାକୁ ନିବେଦନ କରିଛନ୍ତି ଛାତ୍ର ଶୁଭଙ୍କରଙ୍କ ବାପା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା

ବଡ଼ସାହି, ୨୧।୩(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସାଂଗଠନିକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ସଙ୍ଘର ଆଭିମୁଖ୍ୟ ଓ ଭବିଷ୍ୟତ କର୍ମପନ୍ଥା ବିଷୟରେ ଆଲୋକପାତ କରିଥିଲେ। ପରେ ସମସ୍ତ ସଦସ୍ୟଙ୍କ ସହମତିରେ ରଣଜିତ୍ କୁମାର ଦାସଙ୍କୁ ସଭାପତି, ସୁବୋଧ କୁମାର ଦଣ୍ଡପାଟଙ୍କୁ କାର୍ଯ୍ୟକାରୀ ସଭାପତି, ଅନନ୍ତ କୁମାର ଶତପଥୀଙ୍କୁ ସମ୍ପାଦକ, ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଯୁଗ୍ମସମ୍ପାଦକ, ରାଜେନ୍ଦ୍ର ଜେନାଙ୍କୁ ସଂଗଠନ ସମ୍ପାଦକ ଓ ଯୋଗେଶ୍ୱର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଏହି ଚୟନ ପଦ୍ଧତି ବଙ୍କିମ ବିହାରୀ ପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

